# ମୋରଡ଼ା ବ୍ଲକ୍‌ରେ ନଗର ଉନ୍ନୟନ ମନ୍ତ୍ରୀଙ୍କ ସମୀକ୍ଷା

**ମୋରଡ଼ା, ୫।୭ (ସମିସ)**



ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ନିର୍ବାଚନମଣ୍ଡଳୀରେ ଗତ ସାଧାରଣ ନିର୍ବାଚନରେ ବାଜିମାତ କରିଥିବା ମୋରଡ଼ା ବିଧାୟକ କୃଷ୍ଣଚନ୍ଦ୍ର ମହାପାତ୍ର ଗୃହ ଓ ନଗର ଉନ୍ନୟନ ବିଭାଗର କ୍ୟାବିନେଟ ମନ୍ତ୍ରୀପଦ ପାଇବା ପରେ ପ୍ରଥମ ଥର ପାଇଁ ମୋରଡ଼ା ବ୍ଲକର ସମସ୍ତ ଜିନିଷ ଉପରେ ସମୀକ୍ଷା କରିବା ପାଇଁ ଶୁକ୍ରବାର ବ୍ଲକ ଗସ୍ତରେ ଆସିଛନ୍ତି। ଶ୍ରୀ ମହାପାତ୍ର ମୋରଡ଼ା ପଞ୍ଚାୟତର ଧାନସଳା ଠାରେ ଥିବା ଅଭିରାମ ବାବାଙ୍କ ମଠକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ବ୍ଲକ ପ୍ରଶାସନ ତରଫରୁ ମୋରଡ଼ା ବିଡିଓ ଅଣାକର ନାୟକଙ୍କ ଅଧ୍ୟକ୍ଷତାରେ ବ୍ଲକ କନଫରେନ୍ସ ହଲରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ମହାପାତ୍ର, ତହସିଲଦାର ଉତ୍ତମ ଜେନା, ବ୍ଲକ ଚେୟାରମ୍ୟାନ ପିଥନାଥ ସରେନ, ଭାଇସ ଚେୟାରମ୍ୟାନ ଜେମାମଣି ମହାନ୍ତ, ସିଡିପିଓ ବିଟୁ ଟୁଡୁ, ଜିଲ୍ଲା ପରିଷଦ ସଭ୍ୟା ଝରଣା ମୁର୍ମୁ, ଅଭିରାମ ଭୋଇ, ଆରଡବ୍ଲୁଏସଏସ ନିର୍ବାହୀ ଯନ୍ତ୍ରୀ ଜ୍ଞାନେନ୍ଦ୍ର କୁମାର ନାୟକ ଉପସ୍ଥିତ ଥିଲେ। ବ୍ଲକ ଚେୟାରମ୍ୟାନ ଶ୍ରୀ ସରେନ ତାଙ୍କ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ଆବାସ, ରାସନ କାର୍ଡ ଓ ଭତ୍ତା ଯୋଗ୍ୟ ହିତାଧିକାରୀଙ୍କୁ ମିଳିପାରିବ ସେଥିପାଇଁ ବ୍ୟବସ୍ଥା କରିବା ସହିତ ୨୪ଘଣ୍ଟା ଡାକ୍ତରଖାନାରେ ସମସ୍ତ ପ୍ରକାର ସୁବିଧା ହେଇ ପାରିବ, ହାତୀ ଉପଦ୍ରବରେ ଯେମିତି ଧନଜୀବନ ନଷ୍ଟ ହେଉଛି ତାହାକୁ କିପରି ରୋକାଯାଇ ପାରିବ ସେଥିପାଇଁ ମନ୍ତ୍ରୀଙ୍କୁ ସେ ଅନୁରୋଧ କରିଥିଲେ। ତେବେ ଆଜିର ସମୀକ୍ଷାରେ ସବୁଠାରୁ ଅଧିକ ଅଭିଯୋଗ ପାନୀୟ ଜଳ ସମସ୍ୟା ଉପରେ ଆଧାରିତ ଥିବାର ଦେଖିବାକୁ ମିଳିଥିଲା। ସେହିପରି ପ୍ରଧାନମନ୍ତ୍ରୀ ଆବାସରେ ଯେଉଁ ହିତାଧିକାରୀ ପାଇଛନ୍ତି ଏବଂ କେତୋଟି ସମ୍ପୂର୍ଣ୍ଣ ଏବଂ ଅସମ୍ପୂର୍ଣ୍ଣ ହୋଇଛି ତାହା ଆଲୋଚନା କରିବେ ବୋଲି ଅଫିସରଙ୍କୁ କହିଥିଲେ। ବର୍ଷା ଦିନ ଆଗକୁ ଆସୁଥିବାର ଦେଖି ଗାଁ ଗଣ୍ଡାରେ କିଭଳି ପାଣି ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା ହେବ ତାହା ଉପରେ ଗୁରୁତ୍ୱ ଦେବା ସହିତ ବନ୍ୟା ଆଶଙ୍କା କରି ଯେପରି ଜିରୋ କାଜୁଆଲଟି ହେବ ସେଥିପାଇଁ ବ୍ଲକ ପ୍ରଶାସନ ଦୃଷ୍ଟି ଦେବାପାଇଁ କହିଥିଲେ। ତେବେ ନିର୍ବାଚନ ସମୟରେ ଯେଉଁ ପ୍ରତିଶ୍ରୁତି ଲୋକଙ୍କୁ ଦେଇଛୁ ତାହାକୁ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ସମାଧାନ କରିବେ ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର ପ୍ରକାଶ କରିଥିଲେ। ବୈଠକରେ ବ୍ଲକର ୨୦ଟି ପଞ୍ଚାୟତର ବିଭିନ୍ନ ଗାଁର ଲୋକଙ୍କୁ ବାରିପଦାରୁ ଆସିଥିବା ନିର୍ବାହୀ ଯନ୍ତ୍ରୀ ଜ୍ଞାନେନ୍ଦ୍ର କୁମାର ନାୟକ ଆଗାମୀ ଦୁଇ ମାସ ମଧ୍ୟରେ ସେହି ସ୍ଥାନରେ ପାଣି ସମସ୍ୟା ଦେଖିବାକୁ ମିଳିବନି ବୋଲି ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମ ସରିବା ପରେ ମନ୍ତ୍ରୀ ଦାନ୍ତିଆମୁହାଁ, ବରକନ୍ଦ, ଜୁଆଳିଭଙ୍ଗା, ଧଡାସାହି ଏବଂ ଶେଷରେ ମୋରଡ଼ାରେ ଲୋକଙ୍କ ଅଭିଯୋଗ ଗ୍ରହଣ ପାଇଁ ଯିବାର କାର୍ଯ୍ୟକ୍ରମ ରହିଥିଲା।

**ନିର୍ବାଚନ ବେଳେ ଦେଇଥିବା ପ୍ରତିଶ୍ରୁତି ୫ ବର୍ଷରେ ସମାଧାନ ହେବ**

## ବିପୁଳ ପରିମାଣର ମହୁଲପୋଚ, ରନ୍ଧାମଦ ଓ ସରଞ୍ଜାମ ନଷ୍ଟ



**ବେତନଟୀ, ୫।୭ (ସମିସ):** ବେତନଟୀ ଅବକାରୀ ଥାନା ପକ୍ଷରୁ ବଡ଼ସାହି ଥାନା ଅଧୀନ ଚହଲାପଦା ଏବଂ ଖଡ଼ିକାପଦାରେ ଚାଲିଥିବା ଚୋରା ଦେଶୀମଦ କାରଖାନା ଉପରେ ଶୁକ୍ରବାର ଅତର୍କିତ ଚଢ଼ଉ କରାଯାଇ ବିପୁଳ ପରିମାଣର ମହୁଲପୋଚ, ରନ୍ଧାମଦ ଏବଂ ମଦ ପ୍ରସ୍ତୁତିରେ ବ୍ୟବହୃତ ବ୍ୟାପକ ସରଞ୍ଜାମଗୁଡ଼ିକୁ ନଷ୍ଟ କରାଯାଇଛି। ଚହଲାପଦା ଏବଂ ଖଡିକାପଦାର ଜଙ୍ଗଲିଆ ସ୍ଥାନରେ ଚୋରା ଦେଶୀମଦ କାରଖାନା ଚାଲିଥିବାର ଖବରପାଇ ବେତନଟୀ ଅବକାରୀଥାନା ଅଧିକାରୀ ପ୍ରକାଶ ସାହୁ ସଦଳବଳେ ଚଢଉ କରିଥିଲେ। ଚଢଉ ସମୟରେ ମଦ ମାଫିଆମାନେ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇ ଜଙ୍ଗଲ ଭିତରେ ଚମ୍ପଟ ମାରିଥିଲେ। ସେଠାରେ ଅବକାରୀ ବିଭାଗ ପକ୍ଷରୁ ୨ ହଜାର ୩ଶହ ୫୦ କିଲୋଗ୍ରାମର ମହୁଲପୋଚ, ଚୋରାଚାଲାଣ ନିମନ୍ତେ ପ୍ରସ୍ତୁତହୋଇ ରହିଥିବା ୪ଶହ ୫ଲିଟର ରନ୍ଧାମଦ ସମେତ ମଦ ପ୍ରସ୍ତୁତିରେ ବ୍ୟବହୃତ ବିପୁଳ ସରଞ୍ଜାମଗୁଡିକୁ ଜବତ ପୂର୍ବକ ଭାଙ୍ଗିରୁଜି ନଷ୍ଟ କରିଦିଆ ଯାଇଥିଲା। ଏହି ଚଢଉରେ ବେତନଟୀ ଅବକାରୀ ଥାନା ପକ୍ଷରୁ ଏଏସଆଇ ସୁଧାଂଶୁ ବେହେରା, ବ୍ରହ୍ମଜିତ ଦାସ, ମାନସ ବେହେରା, ଲିଜା ପ୍ରଧାନ ପ୍ରମୁଖ କର୍ମଚାରୀ ସାମିଲ ଥିଲେ।

## ପଡ଼ୋଶୀଙ୍କ ଟାଙ୍ଗିଆ ଚୋଟରେ ଦମ୍ପତି ଗୁରୁତର

**ରାଇରଙ୍ଗପୁର, ୫।୭ (ସମିସ):** ସାମାନ୍ୟ ବିବାଦକୁ କେନ୍ଦ୍ର କରି ଟାଙ୍ଗିଆରେ ଆକ୍ରମଣ କରିବାରୁ ଦମ୍ପତି ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଗୁରୁତର ଦମ୍ପତି ହେଲେ ଗଣେଶ ଚନ୍ଦ୍ର ଗିରି(୩୬) ଓ ଜିଙ୍ଗି ମୁଁଦୁଇଆ(୨୪)। ବାଦାମପାହାଡ଼ ଥାନା ଅଞ୍ଚଳ ଜୋରଦା ଗାଁ ଠାରେ ଗୁରୁବାର ରାତ୍ରିରେ ଗୋଟିଏ ପରିବାରରେ ଖରାପ ଭାଷାରେ ଗାଳିଗୁଲଜ ହେଉଥିବା ସମୟରେ ପଡ଼ୋଶୀ ଦମ୍ପତି ଗଣେଶ ଓ ତାଙ୍କ ପତ୍ନୀ ଜିଙ୍ଗି ମନା କରିବାରି ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଘଟଣାରେ ଗଣେଶଙ୍କ ମୁଣ୍ଡରେ ଗଭୀର ଆଘାତ ହୋଇ ଥିବା ଯୋଗୁଁ ପ୍ରବଳ ରକ୍ତସ୍ରାବ ହୋଇଥିଲା ଏବଂ ଜିଙ୍ଗିଙ୍କ ଦେହର ବିଭିନ୍ନ ସ୍ଥାନରେ କ୍ଷତ ହୋଇଥିଲା। ଘଟଣା ସମ୍ପର୍କରେ ବାଦାମପାହାଡ଼ ଥାନା କର୍ତ୍ତୃପକ୍ଷ ଗୁରୁତର ଦମ୍ପତିଙ୍କୁ ପ୍ରଥମେ ଡାକ୍ତରଖାନା ନେଇଥିଲେ। ଶୁକ୍ରବାର ଥାନାରେ ଏତଲା ଦେଇଥିବା ସୂଚନା ମିଳିଛି।

## ସର୍ଟସର୍କିଟ୍‌ରୁ ସ୍କୁଲବସ୍‌ରେ ଲାଗିଲା ନିଆଁ, ଅଳ୍ପକେ ବର୍ତ୍ତିଲେ ଛାତ୍ରଛାତ୍ରୀ

**ଯଶିପୁର, ୫।୭ (ସମିସ):** ଏକ ନିଶ୍ଚିତ ବିପଦରୁ ରକ୍ଷା ପାଇଛନ୍ତି ସ୍କୁଲ ଛାତ୍ରଛାତ୍ରୀ। ଶୁକ୍ରବାର ସକାଳୁ ଯଶିପୁର ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରଛାତ୍ରୀଙ୍କୁ ନେଇ ବିଦ୍ୟାଳୟକୁ ବସ୍ ଯାଉଥିଲା। ଧୋବାଡ଼ିହା ପୋଲ ପାଖରୁ ଅଳ୍ପ ଦୂରରେ ସର୍ଟସର୍କିଟ ଯୋଗୁଁ ହଠାତ ଗାଡ଼ିରୁ ଧୂଆଁ ବାହାରିବା ସହିତ ଗାଡ଼ିରେ ନିଆଁ ଲାଗିଥିଲା। ଚାଳକଙ୍କ ଉପସ୍ଥିତ ବୁଦ୍ଧି ପାଇଁ ଗାଡ଼ିକୁ ଅଟକାଇ ଛାତ୍ରଛାତ୍ରୀଙ୍କୁ ତୁରନ୍ତ ବାହାରକୁ ବାହାର କରିଦିଆଯାଇଥିଲା। ସ୍ୱେଚ୍ଛାସେବୀ ରଞ୍ଜନ ଶିଖରଙ୍କ ସମେତ ବହୁ ଯୁବକ ଗାଡ଼ିରୁ ନିଆଁ ଲିଭାଇବାକୁ ଚେଷ୍ଟା କରିବା ସହିତ ପାଣି ଢାଳିବା କାମ ଆରମ୍ଭ କରିଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ।




## ଉତ୍ତର ବଙ୍ଗାପୀଠରେ ସିର୍ମାଗାମା ପୂଜା



**ବଡ଼ସାହି, ୫।୭ (ସମିସ):** ବଡ଼ସାହି ପଞ୍ଚାୟତ କେନ୍ଦୁଆସାହିସ୍ଥିତ ଉତ୍ତର ବଙ୍ଗାପୀଠରେ ଗ୍ରାମବାସୀଙ୍କ ସହଯୋଗରେ ସିର୍ମାଗାମା ପୂଜା ଅନୁଷ୍ଠିତ ହୋଇଯାଇଛି। ପୁରୋହିତ ପାହାନ ବସନ୍ତ କୁମାର ସିଂ ନେତୃତ୍ୱରେ ପୂଜା ହୋଇଥିଲା। ପୁରୁଷପୁରୁଷ ଅମଳରୁ ଏହି ପୂଜା ପ୍ରତିବର୍ଷ ଆଷାଢ଼ ମାସର ପୂର୍ଣ୍ଣମୀ କିମ୍ବା ଅମାବାସ୍ୟା ତିଥିରେ ଆୟୋଜନ କରାଯାଏ। ପୂଜା କରିବା ଫଳରେ ବର୍ଷା ହେବା ସହିତ ପାଣିର ଅଭାବ ରହେ ନାହିଁ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ଯାହାଫଳରେ ଭଲ ଫସଲ ଅମଳ ହେବ। ପୀଠରେ ଜଳ ଦେବତା, ସୃଷ୍ଟିକର୍ତ୍ତା ଓ ପ୍ରକୃତିର ଶକ୍ତିକୁ ଆହ୍ୱାନ କରାଯାଏ। ଚାଷ କାମରେ ବିଲବାଡ଼ି କୌଣସି ଅସୁବିଧା କିମ୍ବା ବିପଦ ଯେପରି ନ ଆସେ ସେଥିପାଇଁ ଦେବାଦେବୀଙ୍କୁ ପ୍ରାର୍ଥନା କରାଯାଏ। ପୂଜା ଶେଷରେ ଗ୍ରାମର ସମସ୍ତ ଗ୍ରାମବାସୀ ପ୍ରସାଦ ସେବନ କରିଥାନ୍ତି। ପୂଜାରେ ସୁକୁରାମ ସିଂ, ଶୁଭାକର ସିଂ, ହାରାଧନ ସିଂ, ନିତ୍ୟାନନ୍ଦ ସିଂ, ଗୁମାନ ସିଂ, ନାଗା ସିଂ, ପାଣ୍ଡୁ ସିଂ, ବାଇଧର ସିଂ ଓ ବେଣୁ ସିଂଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## କରଞ୍ଜିଆରେ ନୂତନ ଜଜ୍‌ଙ୍କ ଯୋଗଦାନ



**କରଞ୍ଜିଆ, ୫।୭ (ସମିସ):** କରଞ୍ଜିଆ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ଭାବେ ଆଶିଷ କୁମାର ତ୍ରିପାଠୀ ଯୋଗଦାନ କରିଛନ୍ତି। ସେ ଆଗରୁ ଭଦ୍ରକରେ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ଭାବେ ଦାୟିତ୍ୱରେ ଥିଲେ। ସେ ମଧ୍ୟ ବାରିପଦା କଟକ ଓ ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳରେ କାର୍ଯ୍ୟ କରିଛନ୍ତି। ଶ୍ରୀ ତ୍ରିପାଠୀ ପୂର୍ବତନ ଏଡିଜେ ପ୍ରଶାନ୍ତ କୁମାର ମିଶ୍ରଙ୍କ ସ୍ଥାନରେ ଯୋଗ ଦେଇଛନ୍ତି। ସେହିଭଳି ସବ ଜଜ୍ ତଥା ସିନିଅର ସିଭିଲ ଜଜ୍ ଭାବେ ଅମିତ ସ୍ୱାଇଁ ସେଠ୍ ଯୋଗ ଦେଇଛନ୍ତି। ସେ ପୂର୍ବତନ ସବ୍‌ଜଜ ଶଙ୍ଖ ଚକ୍ରବର୍ତ୍ତୀଙ୍କ ସ୍ଥାନରେ ଯୋଗଦେଇଛନ୍ତି। ଦୁଇ ଜଜ୍‌ଙ୍କ ଯୋଗଦାନ ଅବସରରେ କରଞ୍ଜିଆ ବାର ଆସୋସିଏସନ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ ହୋଇଥିଲା। ଓକିଲ ସଂଘର ସଭାପତି ବାଞ୍ଛାନିଧି ପୃଷ୍ଟି ଓ ସମ୍ପାଦକ ଦିବ୍ୟ ପ୍ରସାଦ ସାହୁଙ୍କ ସମେତ ଓକିଲ ସଂଘର ସଭ୍ୟସଭ୍ୟା ସ୍ୱାଗତ ଜଣାଇଥିଲେ।

## ରଥଯାତ୍ରାରେ କର୍ଡନ୍ ପାସ୍ ନଦେବା ପାଇଁ ଭଞ୍ଜସେନା ପକ୍ଷରୁ ଦାବିପତ୍ର

**ବାରିପଦା, ୫।୭ (ସମିସ):** ଶ୍ରୀ ଶ୍ରୀ ହରିବଳଦେବଜିଉଙ୍କ ରଥଯାତ୍ରା ସମୟରେ ଦେଖା ଯାଉଥିବା ଅବ୍ୟବସ୍ଥାର ସମାଧାନ ପାଇଁ ଭଞ୍ଜସେନା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଶୃଙ୍ଖଳିତ ଭାବେ ରଥଯାତ୍ରା ପରିଚାଳନା ନିମନ୍ତେ କର୍ଡନ ପାସ ବ୍ୟବସ୍ଥା ନ କରିବାକୁ ଦାବି ହୋଇଛି। ବାରିପଦାରେ ରଥଟଣା ଜୁଲାଇ ୮ ଓ ୯ ତାରିଖରେ ଅନୁଷ୍ଠିତ ହେବ। ଉକ୍ତ ସମୟରେ କୌଣସି ଭିଆଇପି କିମ୍ବା ଆବଶ୍ୟକତା ନଥିବା ସରକାରୀ ଅଧିକାରୀଙ୍କୁ ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ରଥ କର୍ଡନ ପାସ ନ ଦେବାକୁ ଦାବି ଜଣାଇଛନ୍ତି। ସମସ୍ତେ ଭକ୍ତମାନେ ଶ୍ରଦ୍ଧା ମନୋଭାବରେ ଲୋକଙ୍କ ସମାଗମ ମଧ୍ୟରେ ରଥ ଟାଣିବା ଉପରେ ଗୁରୁତ୍ୱ ପ୍ରଦାନ କରିବାକୁ ଦାବି ଜଣାଇଛନ୍ତି। ଏନେଇ ଭଞ୍ଜସେନା ପକ୍ଷରୁ ଜିଲ୍ଲା ଉପସଭାପତି ରାକେଶ ମହାନ୍ତି ମୟୂରଭଞ୍ଜ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷୀକା ଏସ ସୁଶ୍ରୀଙ୍କୁ ପୃଥକ ଭାବରେ ଦୁଇଟି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିଗୁଡିକ ପ୍ରତି ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱ ପ୍ରଦାନ ନ କରନ୍ତି, ତେବେ ଭଞ୍ଜସେନା ପକ୍ଷରୁ ଆନ୍ଦୋଳନ ପନ୍ଥା ଗ୍ରହଣ କରାଯିବ ବୋଲି ଜିଲ୍ଲା ସଭାପତି ପିଣ୍ଟୁ ମାଇତି ସୂଚନା ଦେଇଛନ୍ତି।

## ଶରତ ମହାବିଦ୍ୟାଳୟରେ ବନ ମହୋତ୍ସବ



**କପ୍ତିପଦା, ୫।୭ (ସମିସ):** ଗୁରୁବାର କାପ୍ତିପଦା ବ୍ଲକ ଅନ୍ତର୍ଗତ ଶରତ ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପାଳିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଭଗବାନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଓଡ଼ିଆ ଅଧ୍ୟାପକ ପ୍ରତାପ କୁମାର ଦାସ ଓ ସ୍ୱତନ୍ତ୍ର ଅତିଥି ଭାବେ ଶରତ ବନାଞ୍ଚଳ ଅଧିକାରୀ ନରେଶ କୁମାର ସେଠୀ, ଯୁବ ରେଡକ୍ରସର ପରାମର୍ଶଦାତା ମନୋରଞ୍ଜନ ବିହାରୀ ଓ ପୂର୍ବତନ ଏନ୍‌ଏସଏସ ପ୍ରୋଗ୍ରାମ ଅଫିସର ସୀତକଣ୍ଠ ଦାସ ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଅଶୋକକୁମାର ସାହୁ, ଶରତ ପରିଡ଼ା, ପ୍ରଦୀପ କୁମାର ଦଳେଇ, ବନ କର୍ମଚାରୀ ଲେମ୍ବ ମୁର୍ମୁ, ଅରୁଣ ଖଣ୍ଡକ୍ଷ ପକ୍ଷତ୍ର, ହରିଶଚନ୍ଦ୍ର ଦେହୁରୀ ପ୍ରମୁଖ ପରିଚାଳନା କରିଥିଲେ।

**ହାତୀ ଘଉଡ଼ାଇବା ସମୟରେ ଅଘଟଣ**

# ବାଣ ବିସ୍ଫୋରଣରେ ଗଜସାଥୀଙ୍କ ହାତ ଉଡ଼ିଗଲା

**ବେତନଟୀ, ୫।୭ (ସମିସ)**



ବେତନଟୀ ରେଞ୍ଜ ତଥା ଥାନା ଅଧୀନ ମସିଣାକାଟି ଗାଁକୁ ଗୁରୁବାର ବିଳମ୍ବିତ ରାତିରେ ତିନିଗୋଟି ବଣୁଆହାତୀ ପଶି ଆସିଥିବା ବେଳେ ଘଉଡ଼ାଇବାକୁ ବାଣ ଫୁଟାଇବା ସମୟରେ ଅଘଟଣ ଘଟିଛି। ବାଣ ବିସ୍ଫୋରଣ ବେଳେ ଗଜସାଥୀଙ୍କର ବାମହାତ ଉଡ଼ିଯାଇଥିବା ବେଳେ ଡାହାଣ ଆଖି ସମେତ ଶରୀରର ବିଭିନ୍ନ ସ୍ଥାନ ପୋଡ଼ିଯାଇ ଗଭୀର କ୍ଷତ ସୃଷ୍ଟି ହୋଇଛି। ଗୁରୁବାର ବିଳମ୍ବିତ ରାତି ପ୍ରାୟ ୧ଟାରେ ୩ଟି ବଣୁଆହାତୀ ମସିଣାକାଟି ଗାଁକୁ ପଶିଆସିଥିବା ବେଳେ ସେହି ଗ୍ରାମର ଗଜସାଥୀ ଭାବେ କାର୍ଯ୍ୟରତ ଚାମଟୁ ମୁର୍ମୁଙ୍କ ପୁଅ ବୁଧରାୟ ମୁର୍ମୁ ଗାଁ ଲୋକଙ୍କ ସହିତ ମିଶି ବଣୁଆହାତୀମାନଙ୍କୁ ଘଉଡ଼ାଉଥିଲେ। ତିନିଗୋଟି ହାତୀ ମଧ୍ୟରୁ ଗୋଟିଏ ହାତୀ କେନାଲ ଅତିକ୍ରମ କରି ଜଙ୍ଗଲକୁ ପଳାଇ ଯାଇଥିବା ବେଳେ ପଛରେ ଦୁଇଟି ହାତୀ ରହିଯାଇଥିଲେ। ବୁଢାନ ଗାଁଲୋକଙ୍କ ସହିତ ମିଶି ଏକ ସୁତୁଲି ବୋମା ନିଆଁ ଲଗାଇ ଫୁଟାଇବାକୁ ଚେଷ୍ଟା କରୁଥିବା ବେଳେ ଅସାବଧାନତା ବଶତଃ ହାତରେ ହିଁ ତାହା ଫୁଟିଯାଇଥିଲା। ପ୍ରଚଣ୍ଡ ବିସ୍ଫୋରଣରେ ବୁଧରାୟଙ୍କ ବାମହାତର ତିନିଗୋଟି ଆଙ୍ଗୁଳି ଏବଂ ଅଧା ପାପୁଲି ଉଡ଼ିଯାଇଥିବା ବେଳେ ଡାହାଣ ଆଖି, ଛାତି ସମେତ ଶରୀରର ବିଭିନ୍ନ ଅଂଶ ପୋଡ଼ିଯାଇ ଗୁରୁତର ଆହତ ହୋଇପଡ଼ିଥିଲେ। ସଙ୍ଗେସଙ୍ଗେ ଗ୍ରାମବାସୀ ବୁଧରାୟଙ୍କୁ ଉଦ୍ଧାରକରି ନିକଟସ୍ଥ କୃଷ୍ଣଚନ୍ଦ୍ରପୁର ଡାକ୍ତରଖାନାକୁ ନେଇଯାଇଥିଲେ। ବାମହାତରୁ ପ୍ରଚୁର ରକ୍ତସ୍ରାବ ହେଉଥିବା ବେଳେ ଅବସ୍ଥା ଗୁରୁତର ଥିବାରୁ ସଙ୍ଗେସଙ୍ଗେ ପ୍ରାଥମିକ ଚିକିତ୍ସାପରେ ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ବୁଧରାୟଙ୍କର ସେଠାରେ ଚିକିତ୍ସା ଚାଲିଥିବା ବେଳେ ଶୁକ୍ରବାର ରାତି ସୁଦ୍ଧା ରକ୍ତ ବାହାରିବା ବନ୍ଦ ହୋଇ ନଥିବା ଜଣାଯାଇଛି।




## ସରକାରୀ ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ପକ୍ଷରୁ ଚାରାରୋପଣ



ବାରିପଦା, ୫।୭(ସମିସ): ସରକାରୀ ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ପକ୍ଷରୁ ଅନୁଷ୍ଠାନ ପରିସରରେ ଚାରା ରୋପଣ ସହ ସୁରକ୍ଷା ଏବଂ ସଚେତନତା ଉପଲକ୍ଷେ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଅଧ୍ୟକ୍ଷ ରଥିନ୍ଦ୍ର ନାଥ ଘୋଷଙ୍କ ପୌରୋହିତ୍ୟରେ ବନାଞ୍ଚଳ ଅଧିକାରୀ କୁମାର ମନ୍ତ୍ରୀ, ତକତପୁର ସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟର ଶିକ୍ଷା ବିଭାଗ ସହାୟକ ପ୍ରାଧାପକ ଡ.ଚକ୍ରଧର ନାୟକଙ୍କ ସମେତ ବାରିପଦା ୱାର୍ଡ ନଂ -୩ କାଉନସିଲର ରାଜ୍ ଗୁପ୍ତା ଅତିଥି ଭାବେ ଯୋଗଦେଇ ବନମହୋତ୍ସବ କାର୍ଯ୍ୟକ୍ରମକୁ ସଫଳତାର ସହ ସମ୍ପାଦନ କରିଥିଲେ । ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ବାରିପଦା ବନ ବିଭାଗ ଅଫିସରୁ ବନଖଣ୍ଡ ଅଧିକାରୀଙ୍କ ଦ୍ୱାରା ଚାରା ଗଛ ପ୍ରଦାନ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ଦ୍ୱାରା ଅଣାଯାଇଥିବା ଚାରା ଗଛ ଗୁଡ଼ିକୁ ଅତିଥିମାନେ ରୋପଣ କରିଥିଲେ । ବୃକ୍ଷରୋପଣ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ଭବିଷ୍ୟତରେ ଯଥା ସମ୍ଭବ ଗଛ ଲଗାଇବା ପାଇଁ ଉପଦେଶ ଦେଇଥିଲେ । ଶେଷରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରୁ ଅଭ୍ୟାସ ଶିକ୍ଷା ପାଇଁ ଆସିଥିବା ସମନ୍ୱିତ ବିଇଡି ଏମ୍ଇଡି ଶିକ୍ଷାର୍ଥୀଙ୍କ ସହ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ଚାରାରୋପଣ କରାଯାଇଥିଲା । ବନମହୋତ୍ସବ ସପ୍ତାହରେ ଅନୁଷ୍ଠାନର ବିଭିନ୍ନ ସ୍ଥାନରେ ୧୦୦ଟି ଚାରାରୋପଣ କରାଯିବାର ଯୋଜନା କରାଯାଇଛି ।

### ଶ୍ରୀଗୁଣ୍ଡିଚା ଯାତ୍ରାରେ ପହଞ୍ଚିବେ ଚତୁର୍ଦ୍ଧାମୂର୍ତ୍ତି

# ମାଉସୀବାଡ଼ିରେ ଅବ୍ୟବସ୍ଥା, ମରାମତି କିମ୍ବା ରଙ୍ଗ ହେଲାନାହିଁ

ବାରିପଦା, ୫।୭(ସମିସ)



ଆଉ ଦିନକ ପରେ ରଥଯାତ୍ରା । ଭକ୍ତଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବଢ଼ି ଚାଲିଛି । ୯ଦିନ ପାଇଁ ଶ୍ରୀମନ୍ଦିରର ଛାଡ଼ି ତିନି ଦିଅଁ ମାଉସୀ ମା' ମନ୍ଦିରକୁ ଯିବେ । ବଡ଼ ଠାକୁର ସଙ୍ଗରେ ଭାଇଭଉଣୀଙ୍କୁ ଆସୁଛନ୍ତି ବୋଲି ମାଉସୀ ମା' ମନ୍ଦିର ହୋଇଥାଏ ତତ୍ପର । ପରନ୍ତୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଚଳିତଥର ଦେଖା ଦେଇଛି ବ୍ୟତିକ୍ରମ । ନା କୌଣସି ପ୍ରସ୍ତୁତି ନା ସଜବାଜ । ଅନ୍ୟଦିନ ପରି ସ୍ୱାଭାବିକ ସେବା ଚାଲିଛି ସେଠାରେ । ବାରିପଦାରେ ମାଉସୀ ମା'ଙ୍କ ମନ୍ଦିର କହିଲେ ରାଧାମୋହନ ମନ୍ଦିର । ମନ୍ଦିର ନିର୍ମାଣ ପୂର୍ବରୁ(ରାଜାଙ୍କ ଶାସନକାଳ) ସେଠାରେ ଅସ୍ଥାୟୀ ଚାଳଛପର ଘର ନିର୍ମାଣ କରାଯାଇ ତିନିଦିଅଁଙ୍କୁ ପୂଜା କରାଯାଇ ବାହୁଡ଼ା ପରେ ଘରଟିକୁ ପୋଡ଼ି ଦିଆଯାଉଥିଲା ବୋଲି କହନ୍ତି ବର୍ତ୍ତମାନର ମାଉସୀ ମା'ଙ୍କ ମନ୍ଦିର ବା ରାଧାମୋହନ ମନ୍ଦିରର ବଡ଼ପୂଜକ । ପରବର୍ତ୍ତୀ ସମୟରେ ମନ୍ଦିର ନିର୍ମାଣ ହେବା ପରେ ରଥଯାତ୍ରାରୁ ବାହୁଡ଼ା ଯାଏଁ ଆନନ୍ଦ ଏଠାରେ କହିଲେ ନସରେ । ଦିଅଁଙ୍କ ୬ଦିନ ରହଣୀ ମଧ୍ୟରେ ୫ଦିନରେ ୫ ବେଶ ଏଠି ଆକର୍ଷଣୀୟ । ପରମ୍ପରା ଅନୁଯାୟୀ ଦେବସ୍ନାନ ପୂର୍ଣ୍ଣମୀଠାରୁ ମାଉସୀମାଙ୍କ ମନ୍ଦିରରେ ଦିଅଁଙ୍କ ଆଗମନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ । ପକ୍କା, କାନ୍ଥ, ଛାତ, ଫାଟକ ଓ ପାଚେରୀ ମରାମତି ସାଙ୍ଗକୁ ରଙ୍ଗଦେବା, ପାଣିପାଇପ ଓ ଇଲେକ୍ଟ୍ରିକ୍ ୱାରିଂ ନାନାଦି କାର୍ଯ୍ୟ ଦେବତ୍ତୋର ବିଭାଗ ସୁପାରିଶରେ ଆରମ୍ଭ ହୋଇଥାଏ । ମାତ୍ର ଚଳିତଥର ତାହା ଆରମ୍ଭ ହୋଇନାହିଁ । ମନ୍ଦିର ସମ୍ମୁଖ ମଣ୍ଡପ ବା ନାଟମଣ୍ଡପ ଛାତରୁ ପାଣି ଗଳୁଛି । ବିଗତ ରଥଯାତ୍ରା ସମୟରେ ପୂଜକମାନେ ସେବା କରିବା ସମୟରେ ଓ ଭକ୍ତମାନେ ବେଶ ଦେଖିବାକୁ ଆସି ଭିଜିବା କାହାକୁ ଛପା ନାହିଁ । ଯଦିଓ ଉକ୍ତ ଛାତର ମରାମତି ଲକ୍ଷାଧିକ ଟଙ୍କାରେ ପ୍ରତ୍ନତତ୍ତ୍ୱ ବିଭାଗ କରୁଛି । ତେବେ ଢ଼ଳେଇ କାର୍ଯ୍ୟ ପରେ ପାଣି ଠିକ ଭାବରେ ଦିଆ ନ ଯିବାରୁ ପ୍ରଥମ ବର୍ଷାରେ ପୂର୍ବ ଭଳି ପାଣି ଝରୁଛି । ମାଉସୀମା ମନ୍ଦିରର ଅବ୍ୟବସ୍ଥା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି । ଏହି ମନ୍ଦିର ଭୋଗ ନିଲାମରୁ ୨ଲକ୍ଷ ୫୦ହଜାର ଟଙ୍କା ଆୟ କରୁଥିବା ବେଳେ ବିବାହ, ବ୍ରତ ଓ ଲଗ୍ନସ୍ଥିର ଆଦି କାର୍ଯ୍ୟରୁ ଲକ୍ଷେ/ଦେଢ଼ଲକ୍ଷ ମିଶି ୪ଲକ୍ଷ ଟଙ୍କାର ରାଜସ୍ୱ ଦେବତ୍ତୋର ବିଭାଗକୁ ଯାଉଛି । ପରନ୍ତୁ ମନ୍ଦିରର ରକ୍ଷଣା ବେକ୍ଷଣ ନୈରାଶ୍ୟ ଜନକ । ମନ୍ଦିରରେ ଜଣେ-ଜଣେ ପରିଛା ଓ ପୁରୋହିତ, ୨ଜଣ ପୂଜକ, ୪ଜଣ ସୁପକାର ଓ ଟହଲିଆଙ୍କ ସମେତ ୨୦ଜଣ ଲୋକ ଥିଲେ ହେଁ ସେମାନଙ୍କୁ ରଥଯାତ୍ରା ପ୍ରସ୍ତୁତି ବୈଠକକୁ ଡକାଯାଏ ନାହିଁ କି ମତାମତ ମଧ୍ୟ ନିଆଯାଏ ନାହିଁ । ସେ ଯାହାବି ହେଉ ୨ଦିନ ପରେ ରଥଯାତ୍ରା । ଶ୍ରୀମନ୍ଦିରରେ ପ୍ରସ୍ତୁତି କାର୍ଯ୍ୟ ଶେଷ ପର୍ଯ୍ୟାରେ । ମାତ୍ର ମାଉସୀ ମା' ମନ୍ଦିରରେ ନିରାଶା ଯାଇଛି । ମନ୍ଦିର ଉଭୟ ପାର୍ଶ୍ୱ ଟେଣ୍ଟ କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ମରାମତି କିମ୍ବା ରଙ୍ଗ ଟିକକ ଏଥର ହୋଇନାହିଁ । ଯାହାକି ସମସ୍ତ ଭକ୍ତ ଓ ସେବାୟତଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି ।

## ଯୁବ କଂଗ୍ରେସ ଏବଂ ଛାତ୍ର ୟୁନିୟନ ପକ୍ଷରୁ ଦାବିପତ୍ର ପ୍ରଦାନ



ବାରିପଦା, ୫।୭(ସମିସ): ଗତ ଜୁଲାଇ ୨ତାରିଖ ଦିନ ବିଜେପି ଯୁବ ମୋର୍ଚ୍ଚାର କିଛି ସଦସ୍ୟ ହାତରେ ଠେଙ୍ଗାବାଡି ଧରି ଭୁବନେଶ୍ୱର କଂଗ୍ରେସ ଭବନ ସମ୍ମୁଖରେ ଗଣ୍ଡଗୋଳ କରିବା ସହ ରାହୁଲ ଗାନ୍ଧୀଙ୍କ ପୋଷ୍ଟରକୁ ଗୋବର ଫୋପାଡ଼ିଥିଲେ । ଏହାକୁ ନେଇ ବିଜେପି ଯୁବ ମୋର୍ଚ୍ଚା ସଦସ୍ୟ ଏବଂ ଯୁବ ତଥା ଛାତ୍ର କଂଗ୍ରେସ ସଦସ୍ୟ ମାନଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା । ଯୁବ ଛାତ୍ର କଂଗ୍ରେସର ୬ଜଣ ଆହତ ମଧ୍ୟ ହୋଇଛନ୍ତି । ଏନେଇ କ୍ୟାପିଟାଲ ଥାନାରେ ସେହିଦିନ ଏତେଲା ଦିଆଯାଇଥିଲେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ହାତବାନ୍ଧି ବସିଛି । ଏଣୁ ଏହାର ପ୍ରତିବାଦରେ ଶୁକ୍ରବାର ମୟୂରଭଞ୍ଜ ଲୋକସଭା ଯୁବ କଂଗ୍ରେସ କମିଟି ତରଫରୁ ବହୁ ବିକ୍ଷୋଭକାରୀ ଏକ ଶୋଭାଯାତ୍ରାରେ ମୟୂରଭଞ୍ଜ ଏସପିଙ୍କ କାର୍ଯ୍ୟାଳୟ ନିକଟକୁ ଆସି ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଏସପିଙ୍କ ମାଧ୍ୟମରେ ତୁରନ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ପୁଲିସ ଡିଜି ଏବଂ ଆଇଜିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଜିଲ୍ଲା ଯୁବ କଂଗ୍ରେସ ସଭାପତି ସରୋଜ କୁମାର ନାଏକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କଂଗ୍ରେସ ରାଜ୍ୟ ସମ୍ପାଦକ ପ୍ରଭାସ କର ମହାପାତ୍ର, କଂଗ୍ରେସର ପୂର୍ବତନ ଜିଲ୍ଲା ସଭାପତି ହେମନ୍ତ ଦାସ, ମୋରଡା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ରାଜେଶ ପଢ଼ିଆରୀ, ହିମାଂଶୁ ଶେଖର ପାଣି, ଅମରଜିତ ବାରିକ, ସନାତନ ଦେ ଓ ସୌରଜିତ ସାହୁ ପ୍ରମୁଖ ଶତାଧିକ କର୍ମୀ ଯୋଗ ଦେଇଥିଲେ ।

### ବଢୁଛି ନକଲି ସାମ୍ବାଦିକଙ୍କ ପ୍ରାଦୁର୍ଭାବ

## ସାମ୍ବାଦିକ ଦମ୍ପତିଙ୍କ ବିରୋଧରେ ଜିଲ୍ଲା ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ

ବାରିପଦା, ୫।୭(ସମିସ): ମୟୂରଭଞ୍ଜ ଜିଲ୍ଲାରେ ବଢୁଛି ନକଲି ସାମ୍ବାଦିକଙ୍କ ପାର୍ଦୁଭାବ । କେତେବେଳେ ନିଜକୁ ରାଜ୍ୟର ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ତଥା ସ୍ୱୟଂ ପରିଚାଳିତ ୱେବ ତଥା ୟୁଟ୍ୟୁବ୍ ଚ୍ୟାନେଲର ସମ୍ପାଦକ ବା ନିର୍ଦ୍ଦେଶକ ପରିଚୟ ଦେଇ ଏପରି ସାମ୍ବାଦିକ ପେଷାଗତ ସାମ୍ବାଦିକଙ୍କୁ ପଛରେ ପକାଇ ନିଜର ଆଧିପତ୍ୟ ବିସ୍ତାର କରୁଛନ୍ତି । ନକଲି ପ୍ରମାଣପତ୍ର ବଳରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରେ ନାମ ପଞ୍ଜିକୃତ କରି ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟକ୍ରମରେ ଏମାନେ ସାମ୍ବାଦିକ ବୃତ୍ତିକୁ ଅପମାନିତ କରୁଛନ୍ତି । ତେବେ ନୂତନ ଭାବେ ଜିଲ୍ଲାରେ ଯୋଗଦେଇ ଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି ଏପରି ସନ୍ଦିଗ୍ଧ ସାମ୍ବାଦିକଙ୍କ ସମ୍ବନ୍ଧରେ ଖୋଳତାଡ଼ ଆରମ୍ଭ କରିଛନ୍ତି । ପ୍ରଦତ୍ତ ପ୍ରମାଣପତ୍ର ସହିତ ସମ୍ପୃକ୍ତ ଗଣମାଧ୍ୟମ କାର୍ଯ୍ୟାଳୟରୁ ସତ୍ୟତା ଯାଞ୍ଚ ପରେ ୨ଜଣ ସାମ୍ବାଦିକ ଓ ସାମ୍ବାଦିକାଙ୍କୁ ନକଲି ବୋଲି ଚିହ୍ନଟ କରି ତାଙ୍କ ବିରୋଧରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଚିହ୍ନଟ ସାମ୍ବାଦିକ ଦ୍ୱୟ ଦମ୍ପତ୍ତି । ଉଭୟ ଯଥାକ୍ରମେ ଯୁବମୋର୍ଚ୍ଚା ଓ ହୀରାଞ୍ଚଳ ମୁଦ୍ରିତ ଗଣମାଧ୍ୟମର ଜିଲ୍ଲା ପ୍ରତିନିଧି ବୋଲି ଆବଶ୍ୟକ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଯାହାକି ନକଲି ବୋଲି ଜଣାପଡ଼ିଛି । ସେମାନେ ୪ବର୍ଷ ଧରି ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ଠକି ସରକାରୀ ସୁବିଧା ନେଉଥିଲେ । ଏପରିକି ରାଜ୍ୟ ସରକାରଙ୍କ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା କାର୍ଡ ମଧ୍ୟ ପାଇଥିଲେ । ଦମ୍ପତ୍ତିଙ୍କ ଠକାମୀ ଜଣାପଡ଼ିବା ପରେ ଉଭୟଙ୍କୁ ଶ୍ରୀ ପାଣି ଶୁକ୍ରବାର ଜିଲ୍ଲା ସାମ୍ବାଦିକ ତାଲିକା ଓ ହ୍ୱାଟ୍ସଆପ୍ ଗ୍ରୁପରୁ ହଟାଇବା ସହିତ ସେମାନଙ୍କ ବିରୋଧରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିବା ଜଣାପଡ଼ିଛି ।

## ବାରିପଦା ରଥଯାତ୍ରାରେ ଯୋଗ ଦେବେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ

ବାରିପଦା, ୫।୭(ସମିସ): ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଚଳିତ ବର୍ଷ ରଥଯାତ୍ରାରେ ଉପ ମୁଖ୍ୟମନ୍ତ୍ରୀ ପ୍ରତିଭା ପରିଡ଼ା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ବାରିପଦା ରଥଯାତ୍ରାର ନିଆରା ପରମ୍ପରା ହେଉଛି କେବଳ ମହିଳା ଶ୍ରଦ୍ଧାଳୁଙ୍କ ଦ୍ୱାରା ମା' ସୁଭଦ୍ରାଙ୍କ ରଥଟଣା ହୁଏ । ୧୯୭୫ ମସିହାରେ ଆରମ୍ଭ ହୋଇଥିବା ବେଳେ ଚଳିତ ବର୍ଷ ତାହା ୫୦ବର୍ଷକୁ ଛୁଇଁବ । ଅବସରରେ ଉପ ମୁଖ୍ୟମନ୍ତ୍ରୀ ପ୍ରତିଭା ପରିଡ଼ା ବାରିପଦା ରଥଯାତ୍ରାରେ ଉପସ୍ଥିତ ରହି ମହିଳାମାନଙ୍କ ସହିତ ରଥ ଟାଣିବାର କାର୍ଯ୍ୟକ୍ରମ ରହିଛି । ଜୁଲାଇ ୮ ଓ ୯ ତାରିଖରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମରେ ରଥଯାତ୍ରା ଅନୁଷ୍ଠିତ ହେବ । ତେବେ ସେ ଜୁଲାଇ ୮ ତାରିଖରେ ଉପସ୍ଥିତ ରହିବେ ବୋଲି ସୂଚନା ମିଳିଛି । ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ମହିଳାଙ୍କ ସୁଭଦ୍ରା ରଥ ଟାଣିବା ମହିଳା ସଶକ୍ତିକରଣର ଅନ୍ୟ ଏକ ଉଦାହରଣ । ଯାହା ବିଶ୍ୱରେ ଏଭଳି କେଉଁଠି ଦେଖିବାକୁ ମିଳେନାହିଁ । ମାତୃଶକ୍ତି ହେଉଛନ୍ତି ସୃଷ୍ଟିର ନିଅନ୍ତା, ମା' ହେଉଛନ୍ତି ଜଗତର ଜନନୀ । ସେଥିପାଇଁ ବାରିପଦାରେ ସମଗ୍ର ନାରୀଶକ୍ତିକୁ ସମ୍ମାନ ଜଣାଇ ୧୯୭୫ ମସିହାରୁ ପରମ୍ପରା ଆରମ୍ଭ ହୋଇଛି । ସେହି ବର୍ଷ ଅନ୍ତର୍ଜାତୀୟ ମହିଳା ଦିବସ ପ୍ରାରମ୍ଭରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଦ୍ୱାରା ପରମ୍ପରା ଆରମ୍ଭ ହୋଇଥିଲା । ମୟୂରଭଞ୍ଜ ଜିଲ୍ଲାର ତତ୍କାଳୀନ ଜିଲ୍ଲାପାଳ ବିବେକାନନ୍ଦ ପଟ୍ଟନାୟକ ଏହାକୁ କାର୍ଯ୍ୟକାରୀ କରି ପ୍ରଥମେ ମହିଳାମାନଙ୍କ ଦ୍ୱାରା

> **ମହିଳାଙ୍କ ସୁଭଦ୍ରା ରଥଟଣାର ୫୦ବର୍ଷ ପୂର୍ତ୍ତି ଅବସରରେ ଟାଣିବେ ରଥ**

ମା' ସୁଭଦ୍ରାଙ୍କ ରଥଟଣା ଆରମ୍ଭ କରିଥିଲେ । ପୂର୍ବରୁ ବାରିପଦାକୁ ରଥଯାତ୍ରା ଦେଖିବା ଦୂରଦୂରାନ୍ତରୁ ଅନେକ ଲୋକଙ୍କ ସମାଗମ ହେଉଥିଲା । ତେବେ ଭିଡ଼ କାରଣରୁ ମହିଳାମାନେ ରଥ ଟାଣି ପାରୁନଥିଲେ । ରଥ ଦଉଡ଼ି ଧରିବାକୁ ଯାଇ ସେମାନେ ଆହତ ହେଉଥିଲେ । ଏହାର ସମାଧାନ କରିବା ପାଇଁ ତତ୍କାଳୀନ ଜିଲ୍ଲାପାଳ ଶ୍ରୀ ପଟ୍ଟନାୟକଙ୍କ ଉପସ୍ଥିତିରେ ପଦକ୍ଷେପ ଗ୍ରହଣ କରାଯାଇଥିଲା । ୧୯୭୫ର ରଥଯାତ୍ରାରେ ପ୍ରଥମ କରି ମା' ସୁଭଦ୍ରାଙ୍କ ରଥକୁ ୫ଜଣ ମହିଳା ପୁଲିସଙ୍କ ସୁରକ୍ଷାରେ ଇନର କର୍ଡନ ମଧ୍ୟରେ ରଥ ଟାଣିଥିଲେ । ଏଥିପରେ ଆଗାମୀ ରଥଯାତ୍ରାରେ ଧୀରେ ଧୀରେ ମହିଳାମାନେ ଆଉଟର



କର୍ଡନକୁ ଆସି ଟାଣିଥିଲେ । ସେବେ ଠାରୁ ଆଜି ପର୍ଯ୍ୟନ୍ତ ମା'ଙ୍କ ରଥକୁ କେବଳ ମହିଳା ଶ୍ରଦ୍ଧାଳୁମାନେ ହିଁ ଟାଣିଥାନ୍ତି । ତେଣୁକରି ଏହାକୁ ସମ୍ମାନ ଜଣାଇ ଚଳିତ ବର୍ଷ ଉପ ମୁଖ୍ୟମନ୍ତ୍ରୀ ପ୍ରତିଭା ପରିଡ଼ା ମା'ସୁଭଦ୍ରାଙ୍କ ରଥକୁ ମହିଳାମାନଙ୍କ ସହିତ ମିଶି ଟାଣିବାର କାର୍ଯ୍ୟକ୍ରମ ରହିଛି ।

## ଯୁବ ରେଡ୍କ୍ରସ୍ ପକ୍ଷରୁ ବନ ମହୋତ୍ସବ




ବାରିପଦା, ୫।୭(ସମିସ): ସ୍ଥାନୀୟ ତକତପୁର ସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି । ବନ ମହୋତ୍ସବ ସପ୍ତାହର ୫ମ ଦିନରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡଃ. ପ୍ରମୋଦ ଚନ୍ଦ୍ର ସାହୁଙ୍କ ନିର୍ଦ୍ଦେଶକ୍ରମେ ଯୁବ ରେଡକ୍ରସର ପ୍ରୋଗ୍ରାମ ଅଫିସର ମିସ ରାଇମଣି ମାରାଣ୍ଡିଙ୍କ ତତ୍ତ୍ୱାବଧାନରେ ଓ ଇଲେକ୍ସନ ହେମ୍ବ୍ରମଙ୍କ ଉପସ୍ଥିତିରେ ଯୁବ ରେଡକ୍ରସ୍ ସ୍ୱେଚ୍ଛାସେବୀମାନେ ମହାବିଦ୍ୟାଳୟ ପରିସରରେ ଚାରା ଗଛ ଲଗାଇଥିଲେ । ମିସ୍ ରାଇମଣି ଗଛ କାଟିବା ଦ୍ୱାରା ସମ୍ମୁଖୀନ ହେଉଥିବା ଅସୁବିଧା ବିଷୟରେ ବୁଝାଇବା ସହିତ ଅଧିକରୁ ଅଧିକ ବୃକ୍ଷ ରୋପଣ କରିବା ପାଇଁ ସମସ୍ତ ସ୍ୱେଚ୍ଛାସେବୀଙ୍କୁ ପରାମର୍ଶ ଦେଇଥିଲେ ।

## ମହିଳା ମହାବିଦ୍ୟାଳୟରେ ବନ ମହୋତ୍ସବ




ବାରିପଦା, ୫।୭(ସମିସ): ବାରିପଦା ମହିଳା ମହାବିଦ୍ୟାଳୟ ତଥା ବାବୁସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ସାଗରିକା ସିଂହ ସଭାପତିତ୍ୱ କରିଥିଲେ । ମହାବିଦ୍ୟାଳୟର ଯୁବ ରେଡ୍କ୍ରସ ଅଧିକାରିଣୀ ତପସ୍ୱିନୀ ନାଏକ ଏବଂ ଜାତୀୟ ସେବା ଯୋଜନା ଅଧିକାରିଣୀ ଯମୁନା ମାଝୀ ତଥା ସ୍ୱେଚ୍ଛାସେବୀଙ୍କ ନାମରେ ଗଛଟିଏ ଲଗାଇବା ସ୍ଲୋଗାନରେ ଚାରା ରୋପଣ କରିବା ପାଇଁ ଅଗ୍ରସର ହୋଇଥିଲେ । ବାରିପଦା ବନ ବିଭାଗ ଏବଂ ସତ୍ୟସାଇ ସଂଗଠନର କର୍ମକର୍ତ୍ତା ମଧ୍ୟ ଏହି କାର୍ଯ୍ୟକ୍ରମଟିକୁ ସଫଳ ବିମଣ୍ଡିତ କରିବା ନିମନ୍ତେ ଉପସ୍ଥିତ ପୂର୍ବକ ସହଯୋଗର ହାତ ବଢେଇଥିଲେ । ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମକର୍ତ୍ତା ତଥା ଛାତ୍ରୀଗଣ ଅନୁଷ୍ଠାନ ପରିସର ତଥା ବାବୁସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇ ବୃକ୍ଷରୋପଣ କରିଥିଲେ ଏବଂ ଏଥିରେ ଉକ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀଗଣ ମଧ୍ୟ ଉପଯୁକ୍ତ ସହାୟତା ପ୍ରଦାନ କରିଥିଲେ ।






## ନିଯୁକ୍ତିରେ ବିଳମ୍ବ ନେଇ ମନୋନୀତ ଜିଆର୍ଏସ୍ ଜିଲ୍ଲାପାଳଙ୍କୁ ଫେରାଦ



ବାରିପଦା, ୫।୭(ସମିସ): ମୟୂରଭଞ୍ଜ ଜିଲ୍ଲାର ପଞ୍ଚାୟତଗୁଡିକରେ ଗ୍ରାମ ରୋଜଗାର ସେବକ(ଜିଆରଏସ୍) ପଦବୀ ନିଯୁକ୍ତି ଦାବିରେ ପୂର୍ବରୁ ମନୋନୀତ ପ୍ରାର୍ଥୀମାନେ ଜିଲ୍ଲାପାଳଙ୍କୁ ଫେରାଦ ଜଣାଇଛନ୍ତି । ମେରିଟ୍ ତାଲିକା ପ୍ରକାଶ ପାଇବାର ଏକ ବର୍ଷ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ନିଯୁକ୍ତି ଦିଆଯାଇନଥିବାରୁ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସୂଚନାଯୋଗ୍ୟ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଜିଲ୍ଲାର ବେକାର ଯୁବକଯୁବତୀମାନେ ଏହି ପଦବୀ ପାଇଁ ଆବେଦନ କରିଥିଲେ । କାର୍ଯ୍ୟାଳୟ ଚିଠି ଜୁନ ୨୦୨୦ରେ ୪୨ଟି ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏହାକୁ ନେଇ ପୁନର୍ବାର କାର୍ଯ୍ୟାଳୟ ଚିଠିରେ ଜୁନ ୨୦୨୩ରେ ମେରିଟ ତାଲିକା ପ୍ରକାଶ କରାଯାଇଥିଲା । ମାତ୍ର ଦୀର୍ଘ ସମୟ ଅତିକ୍ରାନ୍ତ କରିବା ପରେ ମଧ୍ୟ ବିଭାଗ ପକ୍ଷରୁ କିମ୍ବା ଅନଲାଇନ ଯୋଗେ ନିଯୁକ୍ତିକୁ ନେଇ କୌଣସି ସୂଚନା ପ୍ରଦାନ କରାଯାଉ ନାହିଁ । ଫଳରେ ଆବେଦନକାରୀଙ୍କ ମଧ୍ୟରେ ଅନିଶ୍ଚିତତା ଦେଖା ଦେଇଥିବା ବେଳେ ଅସନ୍ତୋଷ ଦେଖାଦେଇଛି । ଖୁବଶୀଘ୍ର ମେରିଟ ତାଲିକାକୁ ନେଇ ନିଯୁକ୍ତି ପ୍ରଦାନ କରିବାକୁ ମନୋନୀତ ପ୍ରାର୍ଥୀଙ୍କ ଏକ ପ୍ରତିନିଧି ଦଳ ଶୁକ୍ରବାର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ପ୍ରତିନିଧି ଦଳରେ ଗୋପିନାଥ ବେହେରା, ସୋମେନ ସାହୁ, ପ୍ରକାଶ ପାତ୍ର ଓ ଲିଟୁ ପାତ୍ର ପ୍ରମୁଖ ସାମିଲ ଥିଲେ ।




## ବିଜେପି ପକ୍ଷରୁ ଚାରାବଣ୍ଟନ

**ଆନନ୍ଦପୁର,୫।୭ (ସମିସ):** ଘସିପୁରା ବିଜେପି ପକ୍ଷରୁ ଆନନ୍ଦପୁର ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ନିକଟରେ ଚାରାବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଜେପି ନେତା ଡ. ଶମ୍ଭୁନାଥ ରାଉତ ଯୋଗ ଦେଇ ଚାଷୀ ଓ ଦଳୀୟ କର୍ମୀମାନଙ୍କୁ ଚାରା ବଣ୍ଟନ କରିବା ସହିତ ନିଜ ବାଡି କିମ୍ବା ରାସ୍ତା କଡ଼ରେ ଗଛ ଲଗାଇବା ପାଇଁ ଆହ୍ୱାନ ଦେଇଥିଲେ। ନିଜ ମା'ଙ୍କ ଯତ୍ନ ନେବା ପରି ଗଛର ଯତ୍ନ ନେବାର ଆବଶ୍ୟକତା ରହିଛି ଏବଂ ଗୋଟିଏ ଗଛ ଲଗାଇଲେ ପରିବେଶର ସୁରକ୍ଷା ସମ୍ଭବ ବୋଲି ଡ. ରାଉତ କହିଥିଲେ।

## କନକମଞ୍ଜରୀ ବାଲ ଶିକ୍ଷା ସଂସ୍ଥାନରେ ବିଦ୍ୟାରମ୍ଭ

**ଆନନ୍ଦପୁର, ୫।୭ (ସମିସ):** ଅଗ୍ରଣୀ ଘରୋଇ ଶିକ୍ଷାନୁଷ୍ଠାନ କନକ ମଞ୍ଜରୀ ବାଲ ଶିକ୍ଷା ସଂସ୍ଥାନର ୩୭ତମ ବିଦ୍ୟାରମ୍ଭ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପକ୍ଷରୁ ନୂତନ କରି ବିଦ୍ୟାଳୟରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା। ପରେ ବିଦ୍ୟାଳୟ ପରିସରରେ ପୂଜାର୍ଚ୍ଚନା କରିବା ସହ ଶିଶୁ ପ୍ରବେଶ ଛାତ୍ରଛାତ୍ରୀଙ୍କ ଦ୍ୱାରା ଖଡ଼ି ଛୁଆଁ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ସଂକଳ୍ପରେ ନିର୍ଦ୍ଦେଶକ ଶ୍ରୀଧର ମହାରଣା ବସିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଆଚାର୍ଯ୍ୟ ମନମୋହନ ଦାସ, ଉପ ପ୍ରଧାନ ଆଚାର୍ଯ୍ୟ ସଂଗ୍ରାମ କେଶରୀ ପରିଡ଼ା, ଆଚାର୍ଯ୍ୟ ଶ୍ରୀଲୋଚନ ପୁହାଣ, ନଟବର ସାହୁ, ସତ୍ୟଜିତ ସାହୁ, କାଳନ୍ଦୀ ମହାରଣା, ଚିତ୍ରସେନ ସାହୁ, ରବିନ୍ଦ୍ର ସାହୁ, ରୋନାଲୀ ଜେନା, ଜ୍ୟୋସ୍ନାମୟୀ ନାଏକ, ରଶ୍ମିତା ସିଂ, ପଦ୍ମିନୀ ରାଉତ, ସ୍ନିଗ୍ଧା ସରିତା ମହାରଣା, ଚିନ୍ମୟୀ ରାଉତ, ସନ୍ଧ୍ୟାରାଣୀ ପଟ୍ଟନାୟକ, ଶ୍ରୀୟାଶ୍ରୀ ମହାରଣା, ମନୋଜ ସାହୁ, ଶଙ୍କର୍ଷଣ ରାଉତ, ଶାନ୍ତି ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାଜପଥ କଡ଼ରେ ମୁକୁଳା ଟ୍ରାନ୍ସଫର୍ମର



**ତୁରୁମୁଙ୍ଗା,୫।୭ (ସମିସ):** କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ହାତିବାରୀ ନିକଟରେ ରାଜପଥ କଡ଼ରେ ହାତପାଆନ୍ତା ର ରହିଛି ମୁକୁଳା ଟ୍ରାନ୍ସଫର୍ମର। ଯାହାକି ଏକ ବଡ଼ ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି। କେତେ ବେଳେ କୋଉ ସମୟରେ ବିପଦ ଘଟିବ ତାହା ସହଜରେ ଅନୁମାନ କରିହେଉଛି। ତୁରୁମୁଙ୍ଗା ବିଦ୍ୟୁତ ବିଭାଗର ଅବହେଳା ଯୋଗୁଁ ଟ୍ରାନ୍ସଫର୍ମର ଗୁଡିକ ଏଭଳି ମୁକୁଳା ପଡିଥିବା ହାତିବାରୀ ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଗତକାଲି ବିଦ୍ୟୁତ ବିଭାଗର ଅବହେଳା ଯୋଗୁଁ ଜଣେ ଡ୍ରାଇଭରଙ୍କ ଜୀବନ ଚାଲିଯାଇଥିବା ବେଳେ ଏହି ମୁକୁଳା ଟ୍ରାନ୍ସଫର୍ମର ଆଗକୁ ବଡ଼ ଅଘଟଣକୁ ଆମନ୍ତ୍ରଣ କରୁଛି। ପୂର୍ବରୁ ଅନେକ ଗୋରୁଗାଈଙ୍କର ବିଦ୍ୟୁତ ଆଘାତରେ ଜୀବନ ଯାଇଥିବା ବେଳେ ଏଥିପ୍ରତି ବିଦ୍ୟୁତ ବିଭାଗ ଦୃଷ୍ଟି ଦେଇ ଟ୍ରାନ୍ସଫର୍ମରକୁ ସ୍ଥାନାନ୍ତର ଅଥବା ଉଚ୍ଚସ୍ଥାନରେ ବସାଇବାକୁ ଦାବି ହୋଇଛି।

## କୃଷି କାର୍ଯ୍ୟାଳୟ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା



**ସୋସୋ, ୫।୭ (ସମିସ):** ହାଟଡିହି କୃଷି କାର୍ଯ୍ୟାଳୟ ପକ୍ଷରୁ ବିଧାୟକ ଅଭିମନ୍ୟୁ ସେଠୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହକାରୀ କୃଷି ଅଧିକାରୀଣୀ ଭାମାଞ୍ଜରୀ ମହାନ୍ତ, ସହକାରୀ କୃଷି ଅଧିକାରିଣୀ ବଡ଼ରମ୍ପାସର ସୋନାଲି ପ୍ରିୟଦର୍ଶିନୀ, ରଞ୍ଜିତ ସାମଲ, ନିରଞ୍ଜନ ରଥ, ବିଟିଏମ ଅଟଳ ବିହାରୀ ହରିଚନ୍ଦନ, ଅଶୋକ ବିଶ୍ୱାଳଙ୍କ ସମେତ ଅନ୍ୟ କୃଷି କର୍ମଚାରୀଙ୍କ ଉପସ୍ଥିତ ଥିଲେ। ଚାଷ କ୍ଷେତ୍ରରେ ଚାଷୀଙ୍କ ଯେଭଳି ସମସ୍ୟା ନହୁଏ ଏବଂ ସରକାରୀ ଯୋଜନାର ଚାଷୀମାନେ ଯେଭଳି ସୁଫଳ ପାଇବେ ସେ ନେଇ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ସମୟରେ କୃଷି କର୍ମଚାରୀ ନିରଜା ନଳିନ ନାୟକ, ସାଧନା ରାଉତ, ଶୋଭନା ପୁହାଣ, କାବେରୀ ମହାପାତ୍ର, ବ୍ରଜ କିଶୋର ମୁଣ୍ଡା, ଉମେଶ ପ୍ରଧାନ, କେଦାର ଭୋଳ, କୃଷିକ ସାଥୀ ସଂଘର ସଭାପତି ଅନନ୍ତ ଚରଣ ପହି, ମନ୍ମଥ ଜେନା, ବିଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## 'ଭାରତୀୟ ସଂସ୍କୃତି ଭାରତୀୟ ଶିକ୍ଷାର ଆଧାର'

**କେନ୍ଦୁଝର,୫।୭ (ସମିସ):** କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ତରଫରୁ ଶିକ୍ଷା ଚିନ୍ତନ ଓ ନୈତିକ ଅଭିଭାଷଣ ଶୃଙ୍ଖଳାରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ସଦସ୍ୟ ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତିଙ୍କ ଏକ ଅଭିଭାଷଣ କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ପ୍ରଭୁ ପ୍ରସାଦ ଦାସଙ୍କ ଆବାହକତ୍ୱରେ ଓ ଇଂରାଜୀ ବିଭାଗର ମୁଖ୍ୟ ଶାଶ୍ୱତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରତାପ କୁମାର ମହାନ୍ତି। ପ୍ରାୟ ତିନିଶହ ଛାତ୍ରଛାତ୍ରୀଙ୍କୁ ନିଜ ଅଭିଭାଷଣ ମାଧ୍ୟମରେ ଭାରତୀୟ ଶିକ୍ଷାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସଂପର୍କରେ ବିଶ୍ଳେଷଣ କରି ଡିଜିଟାଲ ବା ଆଭାସୀ ଶିକ୍ଷାକୁ ଶ୍ରେଷ୍ଠ ବିକଳ୍ପ ବୋଲି ମତ ରଖିଥିଲେ। ପୃଥିବୀର ଅନ୍ୟ ଯେକୌଣସି ବିଶ୍ୱବିଦ୍ୟାଳୟ ଠାରୁ ଭାରତର ନାଳନ୍ଦା ଓ ବିକ୍ରମଶିଳା ପରି ବିଶ୍ୱବିଦ୍ୟାଳୟ ଅଧିକ ଉନ୍ନତ ଥିଲେ ବୋଲି ପ୍ରତିପାଦିତ କରିବା ସହ ଭାରତୀୟ ସଂସ୍କୃତି ଆଧାରରେ ପ୍ରତିଷ୍ଠିତ ଆମ ଶିକ୍ଷା ସାମାଜିକ ବିନିମୟରେ ବିଶ୍ୱାସ ରଖେ ବୋଲି ପ୍ରକାଶ କରିଥିଲେ। ପରେ ପରେ ଅଧ୍ୟାପକ ଶାଶ୍ୱତ ପଣ୍ଡାଙ୍କ ସଂଯୋଜନାରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଜରିଆରେ ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଦାନ କରିଥିବା ବେଳେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ପ୍ରଭୁ ପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

**ଦିନକ ପରେ ରଥଯାତ୍ରା**

# ଶେଷ ପର୍ଯ୍ୟାୟରେ ରଥ ନିର୍ମାଣ କାର୍ଯ୍ୟ

- ଶନିବାର କପଡ଼ାଲାଗି
- ଭୂୟାଁପିଢ଼ରୁ ଆସିବ ସିଆଡ଼ି ଦଉଡ଼ି
- ଏବର୍ଷ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଦଉଡ଼ି ନାହିଁ

କେନ୍ଦୁଝର,୫।୭ (ସମିସ)

କେନ୍ଦୁଝରର ଆରାଧ୍ୟ ପ୍ରଭୁ ବଳଦେବଜୀଉଙ୍କର ପବିତ୍ର ଘୋଷଯାତ୍ରା ଆଉମାତ୍ର ଗୋଟିଏ ଦିନ ବାକି। ରଥଯାତ୍ରା ନିମନ୍ତେ ସମସ୍ତ ପ୍ରସ୍ତୁତି ପ୍ରାୟ ଶେଷ ପାର୍ଯ୍ୟାୟରେ। ରଥ ପଥ ସବୁ ପ୍ରସ୍ତୁତ। ଏହି କ୍ରମରେ ବିଶ୍ୱର ସର୍ବବୃହତ ରଥକାମ



ଚୂଡ଼ାନ୍ତ ହୋଇଛି। ଶନିବାର ରଥରେ କପଡ଼ା ଲାଗି ହେବାକୁ ଥିବା ବେଳେ ପରମ୍ପରାକୁ ବଜାୟ ରଖି ସିଆଡ଼ି ଲତାରେ ତିଆରି ଦଉଡ଼ି କାମ ଚାରିଗାଁ ପିଢ଼ର ଦଆଁଳାରେ ଶେଷ ହୋଇଛି। ଶନିବାର ଭାବ ଭକ୍ତି ମଧ୍ୟରେ ସିଆଡ଼ି ଦଉଡି ଗୁଡିକୁ ମନ୍ଦିର ପ୍ରଶାସନକୁ ହସ୍ତାନ୍ତର ନିମନ୍ତେ ଭୂୟାଁ ସର୍ଦ୍ଦାରଙ୍କ ନେତୃତ୍ୱରେ ଏଗୁଡିକୁ ମନ୍ଦିରକୁ ଆଣାଯିବ ବୋଲି ଜଣାପଡିଛି। ବିଶ୍ୱର ସର୍ବବୃହତ କାଠ ରଥରେ ଚଢ଼ି ପ୍ରଭୁ ବଳଦେବଜୀଉ, ଜଗତରନାଥ ଜଗନ୍ନାଥ, ଭଉଣୀ ସୁଭଦ୍ରା, ପ୍ରଭୁ ସୁଦର୍ଶନ ନବ ଦିନାତ୍ମକ ଯାତ୍ରାରେ ଯିବାର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ଅଛି। ଠାକୁରଙ୍କୁ ଶନିବାର ପର୍ଯ୍ୟନ୍ତ ଅଣସର ଘରେ ରହିବାକୁ ଥିବା ବେଳେ ଏବର୍ଷ ନେତ୍ର ଉତ୍ସବ, ନବଯୌବନ ଦର୍ଶନ ଏବଂ ଶ୍ରୀଗୁଣ୍ଡିଚା ରଥ ଯାତ୍ରା ଗୋଟିଏ ଦିନରେ ପଡୁଛି। ତେଣୁ ବିଭିନ୍ନ ନୀତି ସମ୍ପନ୍ନ ଓ ପହଣ୍ଡି ପରେ ରଥ ଟଣା ବିଳମ୍ବ ହେବ।

ତେଣୁ ରଥଟଣା ଗୋଟିଏ ଦିନରେ ସରି ନ ପାରେ। ପ୍ରଶାସନ ସବୁ କ୍ଷେତ୍ରରେ ରଥଯାତ୍ରା ଶାନ୍ତି ଶୃଙ୍ଖଳାର ସହିତ ସମ୍ପନ୍ନ କରିବାକୁ ପ୍ରସ୍ତୁତି ଚୂଡାନ୍ତ କରିଥିବା ବେଳେ ଭକ୍ତମାନେ ମଧ୍ୟ ମହାପ୍ରଭୁଙ୍କ ଦର୍ଶନ କରିବାକୁ ଅନାଇ ବସିଛନ୍ତି।

## ଆକାଶବାଣୀର ବରିଷ୍ଠ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



**କେନ୍ଦୁଝର,୫।୭ (ସମିସ):** ଆକାଶବାଣୀ କେନ୍ଦୁଝର କେନ୍ଦ୍ରରେ ବରିଷ୍ଠ କର୍ମଚାରୀ ଗଣେଶ୍ୱର ବେହେରା ଓ ବରିଷ୍ଠ ଘୋଷିକା ସୌଦାମିନୀ ରାଉତଙ୍କୁ କେନ୍ଦ୍ର ପରିସରରେ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବରେ ଆକାଶବାଣୀ କେନ୍ଦୁଝର କେନ୍ଦ୍ରର କାର୍ଯ୍ୟକ୍ରମ ମୁଖ୍ୟ ଆମ୍ରେଶ୍ୱର ଝା ଯୋଗ ଦେଇଥିବା ବେଳେ ବିଶେଷ ଅତିଥି ଭାବରେ କାର୍ଯ୍ୟକ୍ରମ ନିଷ୍ପାଦକ ଅନିତା ତୀର୍କି, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ସହକାରୀ ନିର୍ଦ୍ଦେଶକ ଜୟରାମ ମୁଣ୍ଡା, ସମ୍ମାନିତ ଅତିଥି ଭାବରେ ବରିଷ୍ଠ ଘୋଷକ ସୁପାଇ ମୁର୍ମୁ, ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଯାନ୍ତ୍ରିକ ବିଭାଗର ମୁଖ୍ୟ ସତୀଶ ଚାଖି, ପ୍ରଶାସନିକ ବିଭାଗର ସ୍ୱର୍ଣ୍ଣଲତା ହେମ୍ବ୍ରମ ଯୋଗଦେଇ ବକ୍ତବ୍ୟ ପ୍ରସଙ୍ଗରେ ଏବେ ବି ଲକ୍ଷ ଲକ୍ଷ ଶ୍ରୋତା ଆକାଶବାଣୀର କାର୍ଯ୍ୟକ୍ରମକୁ ଭଲପାଆନ୍ତି। ରେଡିଓ ମାଧ୍ୟମରେ ଶୁଣିବାର ପଦ୍ଧତି ପରିବର୍ତ୍ତନ ହୋଇଥିବା ବେଳେ ଏଫ୍ଏମ୍ ଏବଂ ମୋବାଇଲ ଆପ ସହ ବିଭିନ୍ନ ଚାରିଚକିଆ ଯାନରେ ଆକାଶବାଣୀକୁ ଶୁଣି ହେଉଛ। ତେଣୁ କାର୍ଯ୍ୟକ୍ରମ ଉପସ୍ଥାପନା ସମୟରେ ସରଳ ଓ ସାବଲୀଳ ଶବ୍ଦରେ ଉପସ୍ଥାପନା କରିବାର ଆବଶ୍ୟକତା ସବୁ ସମୟରେ ରହିଛି ବୋଲି କହିଥିଲେ। ଦୀର୍ଘ ବର୍ଷ ଧରି ଆକାଶବାଣୀ କେନ୍ଦୁଝର କେନ୍ଦ୍ରରେ କାର୍ଯ୍ୟ କରି ଗତ ଜୁନ ୩୦ ତାରିଖରେ ଅବସର ନେଇଥିବା ସୌଦାମିନୀ ରାଉତ ଓ ଗଣେଶ୍ୱର ବେହେରା ସବୁ ସମୟରେ ନିଜର ହୋଇରହିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲା। ଆକାଶବାଣୀ କେନ୍ଦୁଝର କେନ୍ଦ୍ରରେ କାର୍ଯ୍ୟରତ ସମସ୍ତ ଉପସ୍ଥାପକ, ଉପସ୍ଥାପିକା, ଘୋଷକ, ଘୋଷିକା ଓ ପ୍ରସାରଣ ସହଯୋଗୀଙ୍କ ତରଫରୁ ବିଦାୟକାଳୀନ ସଭାରେ କେନ୍ଦ୍ରର କାର୍ଯ୍ୟକ୍ରମ ମୁଖ୍ୟ ଆମ୍ରେଶ୍ୱର ଝା, ବରିଷ୍ଠ ଘୋଷକ ତୁଷାର ସାମନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ଦେବାଶିଷ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମଧୁସୂଦନ ମୁର୍ମୁ, କୁମୁଦିନୀ ରାଉତ, ସତ୍ୟଜିତ ସାମନ୍ତରାୟ, ମନ୍ମୟୀ ଜେନା, ସାଲେଗ୍ରାମ ପାତ୍ର, ପ୍ରଶାନ୍ତ କୁମାର ପଲେଇ, ଭାସ୍କର ମିଶ୍ର, ବିଜ୍ଞାନଦର୍ଶିନୀ ନନ୍ଦ, ଜ୍ୟୋତିରାଣୀ ପଣ୍ଡା, ସଞ୍ଜୁଶ୍ରୀ ବୃନ୍ଦାବନ, ପ୍ରଣତୀ ମହାନ୍ତି, କାହ୍ନୁପ୍ରିୟା ସାହୁ, ଗୌରାଙ୍ଗ ଚରଣ ଜେନା, ପ୍ରସାରଣ ସହଯୋଗୀ କୃଷ୍ଣଚନ୍ଦ୍ର ମିଶ୍ରଙ୍କ ସମେତ ବିଭିନ୍ନ କାର୍ଯ୍ୟକ୍ରମର ଉପସ୍ଥାପକ, ଉପସ୍ଥାପିକା, ଘୋଷକ, ଘୋଷିକାମାନେ ନିଜର ବକ୍ତବ୍ୟ ରଖିଥିଲେ।

## ସର୍ବଭାରତୀୟ ରେଳ ଚାଳକ ସଂଘର ସାଧାରଣ ସଭା



କେନ୍ଦୁଝର,୫।୭ (ସମିସ): କେନ୍ଦୁଝର ଗଡ଼ ରୋଟାରୀ କ୍ଲବଠାରେ ପୂର୍ବତଟ ରେଳପଥ ଅନ୍ତର୍ଗତ ଖୋର୍ଦ୍ଧା ରେଳମଣ୍ଡଳର ସର୍ବଭାରତୀୟ ରେଳ ଚାଳକ ସଂଘର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତଟ ରେଳପଥର ଜୋନାଲ ପ୍ରେସିଡେଣ୍ଟ ଏସ୍‌କେ ଚୋବେ, ଜୋନାଲ ସେକ୍ରେଟାରୀ ଜେପି ଦଣ୍ଡପାଟ, ସିଟୁର ସକ୍ରିୟ ସଭ୍ୟ ଧରଣୀଧର ମହାନ୍ତଙ୍କ ସମେତ ରେଳଚାଳକ ସଙ୍ଘର ସକ୍ରିୟ ସଦସ୍ୟ ଡିକେ ସାହୁ, ଅଞ୍ଜନ ସାହୁ, ଏମ୍‌ଡିଏଫ ଆଲାମ, ମଣ୍ଡଳ ସଭାପତି ଏସ୍‌ଏନ୍ ପଟ୍ଟନାଏକ, କେନ୍ଦୁଝର ଶାଖା ସଭାପତି ଜନ୍ମେଜୟ ବଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ସଭାରେ ନୂତନ ପେନ୍‌ସନକୁ ହଟାଇ ପୁରାତନ ପେନ୍‌ସନ ଲାଗୁ କରିବା, ସାପ୍ତାହିକ ରେଷ୍ଟକୁ ୩୦ଘଣ୍ଟା ବଦଳରେ ୪୬ ଘଣ୍ଟାକୁ ବୃଦ୍ଧି କରିବା, ହେଡ୍‌କ୍ୱାଟର ରେଷ୍ଟକୁ ସହଳ ଯୁକ୍ତ ଦୁଇ କରି ଅଠର ଘଣ୍ଟାକୁ ବୃଦ୍ଧି କରିବା, ମିନିମମ ଗ୍ୟାରେଣ୍ଟି କିଲୋମିଟର ପ୍ରଦାନ କରିବା, ଆସନ୍ତା ୨୦୨୫ ମସିହା ଫେବୃଆରୀ ଏକ ତାରିଖ ସୁଦ୍ଧା ସମସ୍ତ ରେଳ ଇଞ୍ଜିନରେ ଏସି ଲଗାଇ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା, ଷ୍ଟାଫଙ୍କ ପାଇଁ ପ୍ରଦାନ କରାଯାଉଥିବା ବଲେର ସେବାକୁ କେବଳ ରାତି ପରିବର୍ତ୍ତେ ଦିନ ଓ ରାତି ପ୍ରଦାନ କରିବା ଆଦି ବିଭିନ୍ନ ଦାବି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସର୍ବଭାରତୀୟ ରେଳ ଚାଳକ ସଂଘର କେନ୍ଦୁଝରଗଡ଼ ସାଖା ଗଠନ କରାଯାଇଥିଲା। ଏଥିରେ ଜେ ବଳ ସଭାପତି, ବି ପୋଥାଳ କାର୍ଯ୍ୟକାରୀ ସଭାପତି, ପିକେ ପାଣ୍ଡେ ଉପସଭାପତି, କାଜଲ ବୋଷ ସମ୍ପାଦକ, ପିକେ ଜେନା ସହ ସମ୍ପାଦକ, ଆର୍‌କେ ଦେ ସହକାରୀ ସମ୍ପାଦକ ଭାବେ ମନୋନୀତ ହୋଇଥିଲେ। କୋଷାଧ୍ୟକ୍ଷ ଭାବେ ଡି ସାମନ୍ତ, ସହକାରୀ କୋଷାଧ୍ୟକ୍ଷ ଭାବେ ଅବିନାଶ ସିଂ, ସଂଗଠନ ସମ୍ପାଦକ ଭାବେ ବାଘାଇ ସରେନ, ଏକ୍‌ଜୁକ୍ୟୁଟିଭ ସଭ୍ୟ ଭାବେ ବି ବଳ, ଏକେ ସାହୁ, ଜେ ବେହେରା, ଏସ୍ ମହାନ୍ତ ପ୍ରମୁଖ ମନୋନୀତ ହୋଇଥିଲେ।

## ନନ୍ଦିନୀଦେବୀ ବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା

**ଆନନ୍ଦପୁର,୫।୭ (ସମିସ):** ସ୍ଥାନୀୟ ମଦନପୁର ପଞ୍ଚାୟତର କାନପୁରସ୍ଥିତ ନନ୍ଦିନୀଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବେନ୍ଦ୍ର କୁମାର ହୋତାଙ୍କୁ ବିଦ୍ୟାଳୟ ପକ୍ଷରୁ ବିଦାୟୀକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ମୌସୁମୀ ରାଉତଙ୍କ ତତ୍ତ୍ୱାବଧାନରେ



ଆୟୋଜିତ ଏକ ବିଦାୟୀକାଳୀନ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ଶରତ କୁମାର ରାଉତ ଓ ସମ୍ମାନୀତ ଅତିଥି ଭାବେ ଓଷ୍ଟା ଉପସଭାପତି ରଞ୍ଜନ କୁମାର ଘଡେଇ, ସିଆର୍‌ସିସି ରବୀନ୍ଦ୍ର କୁମାର ଆଚାର୍ଯ୍ୟ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମହେନ୍ଦ୍ର ଚକ୍ର, ମୋ ସ୍କୁଲ ଅଭିଯାନ ସଭାପତି ବାବାଜୀଚରଣ ଯେନା ପ୍ରମୁଖ ଯୋଗ ଦେଇ ବିଦାୟୀ ଶିକ୍ଷକ ଶ୍ରୀ ହୋତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ବିଦାୟୀ ସମ୍ବର୍ଦ୍ଧନା ଦେଇଥିଲେ। ଶିକ୍ଷକ ସିଦ୍ଧାର୍ଥ ଶଙ୍କର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ମିଶ୍ର ଅତିଥି ପରିଚୟ ପ୍ରଦାନ ଓ ତୃପ୍ତିମୟୀ ରାଉତ ମାନପତ୍ର ପାଠ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ବିଜୟ କୁମାର ସାହୁ, ପ୍ରଦୀପ କୁମାର ସାମଲ, ପଦ୍ମାବତୀ ଖୁଣ୍ଟିଆ, ହରିହର ମାରାଣ୍ଡି, ପ୍ରଭୁଦତ ଦାସ, ସଂଘମିତ୍ରା ଜେନା ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଶିକ୍ଷୟତ୍ରୀ ସୁକନ୍ୟା ପହି ଧନ୍ୟବାଦ ଅର୍ପଣ କରିଥିଲେ।

## କଳାକାର ଭତ୍ତା ବୃଦ୍ଧି ପାଇଁ ପ୍ରତିଭା ମଞ୍ଚର ଦାବି

**ଆନନ୍ଦପୁର,୫।୭ (ସମିସ):** କଳାକାର ଭତ୍ତା ବୃଦ୍ଧି କରିବାକୁ ପ୍ରତିଭା ମଞ୍ଚ ତରଫରୁ ଦାବି କରାଯାଇଛି। ଆନନ୍ଦପୁର ପ୍ରତିଭା ପ୍ରଣାମ ମଞ୍ଚର ଆବାହକ ତଥା ଭେଟେରାନ କଳାକାର ରତ୍ନାକର ଦାସଙ୍କ ସମେତ ବହୁ କଳାକାର ରାଜ୍ୟରେ ଭତ୍ତା ପାଉଥିଲେ ମଧ୍ୟ ଭେଟେରାନ କଳାକାରମାନେ ଆର୍ଥିକ ଦୁର୍ବଳ ଶ୍ରେଣୀ ଦେଇ ଗତି କରୁଛନ୍ତି। ଅଧିକାଂଶ କଳାକାର ବୟସର ଅପରାହ୍ନରେ ପହଞ୍ଚିଥିଲେ ମଧ୍ୟ କଳାର ପ୍ରଚାର ପ୍ରସାର ଓ ସୁରକ୍ଷା ଦିଗରେ ସରକାରୀ ପ୍ରୋତ୍ସାହନ ମିଳୁନଥିବା ଚିନ୍ତାର କାରଣ ହୋଇଛି। ଏଣୁ ଏସବୁକୁ ବିଚାରକୁ ନେଇ ଭେଟେରାନ କଳାକାରମାନଙ୍କ ଭତ୍ତା ୨ ହଜାରରୁ ୫ ହଜାର ଟଙ୍କାକୁ ବୃଦ୍ଧି କରାଯିବା ପାଇଁ ସରକାର ପଦକ୍ଷେପ ନେବାକୁ ପ୍ରତିଭା ପ୍ରଣାମ ମଞ୍ଚ ପକ୍ଷରୁ ଦାବି ହୋଇଛି। ଏଦିଗରେ ସରକାର ପଦକ୍ଷେପ ନେଲେ ସଂପୃକ୍ତ କଳାକାରମାନେ ଉପକୃତ ହେବା ସହିତ ସେମାନଙ୍କ ଉପରେ ନିର୍ଭରଶୀଳ ପରିବାର ମଧ୍ୟ ଉପକୃତ ହେବେ ବୋଲି ମଞ୍ଚ ପକ୍ଷରୁ ମତ ପ୍ରକାଶ ପାଇଛି।

## ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ ଉଜ୍ଜ୍ୱଳା କର୍ମଚାରୀ ସଙ୍ଘ



**ହାଟଡ଼ିହୀ,୫।୭ (ସମିସ):** ନବନିର୍ବାଚିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଉଜ୍ଜ୍ୱଳା କର୍ମଚାରୀ ସଙ୍ଘର ସଦସ୍ୟାଙ୍କ ମଧ୍ୟରେ କେନ୍ଦୁଝର ସଭାନେତ୍ରୀ ଅମ୍ବିକା ମହାନ୍ତ, କେନ୍ଦୁଝର ସମ୍ପାଦିକା ସଞ୍ଜୁଲତା ମଲ୍ଲିକଙ୍କ ସହ ରାଜ୍ୟ ସଭାପତି ମନୋରମା ଲେଙ୍କା, ଖୋର୍ଦ୍ଧା ଜିଲ୍ଲାର ସାଧାରଣ ସମ୍ପାଦିକା ରଶ୍ମିତା ବେହେରା, ଉପସଭାପତି ଦିପ୍ତିମୟୀ ନାୟକ, ସହ ସମ୍ପାଦିକା ପ୍ରତୀକା ମହାନନ୍ଦ, କଟକ ସଭାନେତ୍ରୀ ସୁମିତ୍ରା ଦେବତା ଯାଜପୁରରୁ ରୁକ୍ମଣୀନାଥ ଶର୍ମା, ଭଦ୍ରକରୁ ଗୌରୀ, ଘଟଗାଁରୁ ପୁଷ୍ପା, ଭଦ୍ରକ ଅନ୍ନପାଳରୁ ତୃଷ୍ଣାମୟୀ, ସୁବାସିନୀ ପ୍ରମୁଖ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ରହିଥିବା ପ୍ରମୁଖ ସମସ୍ୟା ଉପରେ ଆଲୋଚନା କରିଛନ୍ତି।

**ତୁରୁମୁଙ୍ଗା ଡାକ୍ତରଖାନାକୁ ଆସୁନାହାନ୍ତି ଡାକ୍ତର**

## ରୋଗୀଙ୍କ ଭରସା ଆୟୁଷ ଡାକ୍ତର ଓ ଫାର୍ମାସିଷ୍ଟ



**ତୁରୁମୁଙ୍ଗା,୫।୭ (ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡାକ୍ତର ଆସୁ ନଥିବାରୁ ଅଞ୍ଚଳର ଲୋକେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ଦୀର୍ଘ ସମୟ ଅପେକ୍ଷା କରି ଶେଷରେ ଘରକୁ ଫେରୁଛନ୍ତି ରୋଗୀ। ଉଭୟ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ୬ଟି ବ୍ଲକ ଲୋକେ ଏହି ଡାକ୍ତରଖାନା ଉପରେ ନିର୍ଭର କରୁଥିବା ବେଳେ ଏଠାରେ ନିଯୁକ୍ତି ପାଇଥିବା ଡାକ୍ତର ଆସୁ ନଥିବାରୁ ଲୋକେ ହଇରାଣ ହୋଇ ୩୦ କିଲୋମିଟର ଦୂର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବାଧ୍ୟ ହୋଇ ଯାଉଛନ୍ତି। କେବଳ ସେତିକି ନୁହେଁ; ୪୯ ନମ୍ବର ଜାତୀୟ ରାଜପଥ କଡ଼ରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଥିବାରୁ ଦୈନନ୍ଦିନ ଅନେକ ଦୁର୍ଘଟଣା ଘଟୁଛି। ଆହତ ଓ ଗୁରୁତରଙ୍କୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଉଥିଲେ ହେଁ ଡାକ୍ତର ନଥିବାରୁ ତୁରନ୍ତ ଚିକିତ୍ସା ମିଳିପାରୁନାହିଁ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେବା ସମୟରେ ଅନେକଙ୍କ ଜୀବନହାନି ଘଟୁଛି। ଏଥିସହ ତୁରୁମୁଙ୍ଗା ଥାନାରେ କୌଣସି ଅପରାଧିକ ମାମଲା ରୁଜୁ ହେଲେ ଅଭିଯୁକ୍ତ କିମ୍ବା ପୀଡ଼ିତାଙ୍କ ମଧ୍ୟ ଡାକ୍ତର ନଥିବାରୁ ସ୍ୱାସ୍ଥ୍ୟ ପରୀକ୍ଷା ହୋଇପାରୁନାହିଁ। ଏନେଇ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧୀକାରୀ ଡ. ଶୁଭେନ୍ଦୁ ସାଗର ନାଏକଙ୍କୁ ପଚାରିବାରୁ ତୁରୁମୁଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ସିଡି ମୋନାଲିସାଙ୍କୁ ନିଯୁକ୍ତି ଦିଆଯାଇଥିବା କହିଛନ୍ତି। କିନ୍ତୁ ଏଠାରେ ଦାୟୀତ୍ୱରେ ଥିବା ଡାକ୍ତର ସିଡି ମୋନାଲିସା ଡାକ୍ତରଖାନାକୁ ଆସୁ ନଥିବାରୁ ଲୋକେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ ଆଣିଛନ୍ତି। ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେଇ କାର୍ଯ୍ୟରେ ଅବହେଳା କରୁଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ନୂତନ ଡାକ୍ତର ନିଯୁକ୍ତି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ପାଟଣା ରେଞ୍ଜରେ ଆତଙ୍କ ଖେଳାଇଛନ୍ତି ହାତୀପଲ

ତୁରୁମୁଙ୍ଗା,୫।୭ (ସମିସ)

କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜରେ ୨୪ ଟିକିଆ ହାତୀପଲଙ୍କ ଉପଦ୍ରବ ଜାରି ରହିଛି। ହାତୀପଲ ଏକର ଏକର ଧାନ ଫସଲ ନଷ୍ଟ କରିବା ସହ ସନ୍ଧ୍ୟା ହେଲେ ଗାଁରେ ପଶି ଆତଙ୍କ ଖେଳାଇଛନ୍ତି। ହାତୀପଲଙ୍କ ଉପଦ୍ରବରେ ଲୋକେ ଆତଙ୍କିତ ହୋଇପଡିଛନ୍ତି। ଗତକାଲି ରାତିରେ ବେଗଣାଖମଣ ଗାଁରେ ଜଣଙ୍କ ଘର ନିକଟରୁ ଏକ ଗୋଠଛଡ଼ା ଦନ୍ତା ଚାଲି ଆସିଥିଲା ଲୋକେ ବନ ବିଭାଗକୁ ଜଣାଇଥିଲେ। ତେବେ ବିଳମ୍ବରେ ବନ ବିଭାଗ ପହଞ୍ଚିବାରୁ ଲୋକେ ଉତ୍ତ୍ୟକ୍ତ ହୋଇ ବନ ବିଭାଗ ଗାଡିକୁ ଅଟକ ରଖିବା ସହ ଫରେଷ୍ଟର ପିଅନ



ନାଏକଙ୍କୁ ଅଟକ ରଖିଥିଲେ। ପରେ ବୁଝାସୁଝା ପରେ ଲୋକଙ୍କ କବଳରୁ ଉଦ୍ଧାର ପାଇଥିଲେ ବନ କର୍ମଚାରୀ। ବିଳମ୍ବିତ ରାତିରେ ଏକ ଗୋଠଛଡ଼ା ଦନ୍ତା ଭୀମକୁଣ୍ଡ ଠାରେ ଥିବା ସତ୍‌ସଙ୍ଗ ଘରକୁ ଭାଙ୍ଗିବା ସହ ଶୁକ୍ରବାର ଅପରାହ୍ନରେ ଘାଟ ବାଲିଯୋଡ଼ି ଗ୍ରାମରେ ପଶି ଗ୍ରାମର ଶଙ୍କର ମୁଦିଙ୍କ ଘର ଭାଙ୍ଗି ଘର ଭିତରୁ ଧାନ ଚାଉଳ ଖାଇ ନଷ୍ଟ କରିଦେଇଛି। ଘର ଲୋକେ ଥିବା ବେଳେ ପରିବାର ଲୋକେ ଅଳ୍ପକେ ବର୍ତ୍ତିଯାଇନ୍ତି। ଦନ୍ତାଟି ଅନ୍ୟ ହାତୀପଲଙ୍କ ଠାରୁ ଅଲଗା ହୋଇ ତୋଣ୍ଡ ଗାଁ ନିକଟରେ ବୁଲୁଥିବା ବେଳେ ଅନ୍ୟ ହାତୀପଲ ଏରେଣ୍ଡେଇ ବୈତରଣୀ ଟାପୁରେ ରହିଛନ୍ତି। ଗାଁ ନିକଟରେ ହାତୀପଲ ବୁଲୁଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ହାତୀପଲଙ୍କ ଗତିବିଧି ଉପରେ ବନ ବିଭାଗ ନଜର ରଖିଛି।

# ଗାଁଦାଣ୍ଡରେ ରାତିରେ ବୁଲିଛି ଦନ୍ତା

**ଆନନ୍ଦପୁର,୫।୭ (ସମିସ):** ଆନନ୍ଦପୁର ରେଞ୍ଜ ଅନ୍ତର୍ଗତ ଗୋହିରା ପଞ୍ଚାୟତର ତାଳଗାଁ ସମେତ ଆଖପାଖ ଗ୍ରାମରେ ବିଳମ୍ବିତ ରାତିରେ ଏକ ଦନ୍ତାହାତୀ ବୁଲୁଥିବା ଅଭିଯୋଗ ହୋଇଛି। ହାତୀଟି ବାଡ଼ିବଗିଚାର ଗଛ ଓ ଫସଲ ହାନି କରୁଥିବା ଘଟଣାରେ ଭୟର ବାତାବରଣ ଖେଳିଯାଇଛି। ଗତ ପ୍ରାୟ ୫



ଦିନ ଧରି ନିୟମିତ ଭାବେ ଏହି ଦନ୍ତାହାତୀ ବୈତରଣୀ ନଦୀ କୂଳରେ ବୁଲୁଥିବା ବେଳେ ବିଳମ୍ବିତ ରାତିରେ ଗାଁ ଭିତରକୁ ପଶୁଥିବାରୁ ତାଳଗାଁ, କଳରାଗଡିଆ, ଗୋହିରା, କୁମୁଣିଆ, ଇନ୍ଦୁପୁରା, କଳାବିଲା ଗ୍ରାମମାନଙ୍କରେ ଆତଙ୍କ ଖେଳିଯାଇଛି। ସନ୍ଧ୍ୟା ପରେ ଏହି ଗାଁ ଗୁଡିକରେ ତାଟି କବାଟ ପଡିଯାଉଥିବା ବେଳେ ସନ୍ଧ୍ୟା ପରେ ଗାଁରୁ ଯିବା ଆସିବା ବନ୍ଦ ହୋଇ ଯାଇଥିବାରୁ ଦୈନନ୍ଦିନ ଜୀବନଯାତ୍ରା ବେଶ୍ ପ୍ରଭାବିତ ହୋଇଛି। ଏନେଇ ପୂର୍ବତନ ସରପଞ୍ଚ ପ୍ରଶନ କୁମାର ପାତ୍ର ଜଙ୍ଗଲ ବିଭାଗକୁ ସୂଚନା ଦେବା ପରେ ଆନନ୍ଦପୁର ରେଞ୍ଜର ନବ କୁମାର ନାୟକ ଓ ବନ କର୍ମଚାରୀମାନେ ବିଳମ୍ବିତ ରାତିରେ ଉକ୍ତ ଅଞ୍ଚଳରେ ବାଣ ଫୁଟାଇ ହାତୀକୁ ଘଉଡ଼ାଇବା ପାଇଁ ଉଦ୍ୟମ ଜାରି ରଖିଥିବା ଜଣାଯାଇଛି। ଏହି ଦନ୍ତାହାତୀର ଉପଦ୍ରବରେ ଗାଁ ଗୁଡିକରେ ଭୟର ବାତାବରଣ ସୃଷ୍ଟି ହୋଇଛି। ହାତୀ ବାଡିରେ ପଶି ଫୁଲ ଫଳ ଗଛ ନଷ୍ଟ କରିବା ସହିତ ପନିପରିବା ଫସଲ ନଷ୍ଟ ଖାଇ ଯାଉଥିବା ଓ ଦଳାଚକଟା କରି ନଷ୍ଟ କରୁଥିବା ଅଭିଯୋଗ ହୋଇଛି।

# ବେଆଇନ ବାଲି ଉତ୍ତୋଳନ ପାଇଁ ବିପଦରେ ତଟବର୍ତ୍ତୀ ଅଞ୍ଚଳ

## ବାଲି ଚୋରା ଚାଲାଣ ବେଳେ ୨ ହାଇୱା ଓ ଦୁଇ ଜେସିବି ଜବତ

ଜାମଶୋଳା, ୫।୭(ସମିସ): ମୟୂରଭଞ୍ଜ ଜିଲ୍ଲା ସୀମାନ୍ତ ଅଞ୍ଚଳ ଝାରପୋଖରିଆ ଥାନା ଅଞ୍ଚଳରେ ସୁବର୍ଣ୍ଣରେଖା ନଦୀରେ ଥିବା ପ୍ରଶାସନିକ ବାଲିଘାଟରୁ ଦୈନିକ ଶହଶହ ଟ୍ରାକ୍ଟର ବାଲି ବେଆଇନ ଭାବେ ଚୋରା ଚାଲାଣ ହେବାର ଅଭିଯୋଗ ହେଉଛି। ବର୍ଷ ବର୍ଷ ଧରି ବାଲି ଉଠୁଥିବାରୁ ନଦୀ ଶଯ୍ୟାର ଜଳଧାରଣା କ୍ଷମତା ଅହେତୁକ ଭାବରେ ହ୍ରାସ ପାଇବାରେ ଲାଗିଛି। ତହସିଲ ଅଧୀନରେ ପ୍ରାୟ ସାତରୁ ଊର୍ଦ୍ଧ୍ୱ ଚୋରାଘାଟ କରି ସେଠାରୁ ବାଲି ଉତ୍ତୋଳନ କରି ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଚୋରା ଚାଲାଣ ହେଉଛି। ନଦୀରୁ ବାଲି ଉଠି ଯାଉଥିବାରୁ ନଦୀର ଜଳଧାରଣ କ୍ଷମତା ଦିନକୁ ଦିନ ଖୁବ୍ ଜୋରରେ ହ୍ରାସ ପାଇବାରେ ଲାଗିଛି। ଯାହାର ପ୍ରଭାବ ପ୍ରତ୍ୟକ୍ଷ ଚାଷ ଉପରେ ପଡୁଛି। ଖରାଦିନ ଅବବାହିକାର ସମସ୍ତ ଗ୍ରାମ ଖରାଟିଆ ଫସଲ କରନ୍ତି। ପାଖାପାଖି ୨୦ ଖଣ୍ଡ ଗାଁ ଧାନଠୁ ଆରମ୍ଭ କରି ପନିପରିବା, ଡାଲି ଜାତୀୟ ଫସଲ, ତୈଳବୀଜ ଫସଲ କରିଥାନ୍ତି। ଏବେ କିନ୍ତୁ କିଛି ବର୍ଷ ହେଲା ପାଣିର ଅଭାବ ଯୋଗୁଁ ଚାଷର ପରିମାଣ କମିବାରେ ଲାଗିଛି। ଫଳରେ ଚାଷୀକୁଳ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାଲି ଚୋରା ଚାଲାଣ ବନ୍ଦ ହେଲେ ରାଜସ୍ୱ ଆଦାୟ ହେବା ସହିତ ଚାଷୀ ଉପକୃତ ହୋଇ ପାରନ୍ତେ ବୋଲି ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଉଛି। ଚଢ଼ାଦରରେ ବାଲି ବିକ୍ରି ହେଉଥିବାରୁ ଆବାସ ଗୃହ ଯୋଜନାରେ ହିତାଧିକାରୀମାନେ ଆର୍ଥିକ ସମସ୍ୟାରେ ପଡୁଛନ୍ତି। ନିଜସ୍ୱ ଗୃହ କିମ୍ବା ସରକାରୀ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଚଢ଼ାଦରରେ ବାଲି କିଣିବାକୁ ବାଧ ହେଉଛନ୍ତି। କାରଣ ଝାରପୋଖରିଆ ଥାନା ଅନ୍ତର୍ଗତ ଜାମଶୋଳା ସନ୍ନିକଟ କୁଆଁରଡିହି ଗ୍ରାମରେ ପ୍ରାୟ ୪ଟି ବେଆଇନ୍ ବାଲିଘାଟ ନିର୍ମାଣ କରି ପ୍ରତିଦିନ ଶହଶହ ସଂଖ୍ୟାରେ ଟ୍ରାକ୍ଟର ଓ ହାଇୱା ଓ ଟ୍ରକରେ ବାଲି ଚାଲାଣ ଚାଲିଛି। ସାରସକଣା ତହସିଲ ଅନ୍ତର୍ଗତ ଜାମଶୋଳା ଠାରେ ଗୋଟିଏ ବି ପ୍ରଶାସନର ବାଲିଘାଟ ନାହିଁ। କିନ୍ତୁ ସେଠାରେ ମଧ୍ୟ ଶହ ଶହ ଟ୍ରିପ ବାଲି ପଡୋଶୀ ରାଜ୍ୟକୁ ଚୋର ଚାଲାଣ ଚାଲିଛି। ଝାରପୋଖରିଆରୁ ଅନେକ ଗାଡ଼ି ପୁଲିସ ଜବତ କରିଛି। ଘର ଖଣ୍ଡେ କରିବା ପାଇଁ ଏକ ଶହ ସିଫ୍ଟ ବାଲିକୁ ୨୫୦୦ରୁ ୩୦୦୦ ଟଙ୍କା ଦେବାକୁ ବାଲି ମାଫିଆ ବାଧ୍ୟ କରୁଛନ୍ତି। ଗତକାଲି ରାତ୍ରିରେ ପୁଲିସ ଜାମଶୋଳା କୁଆଁରଡିହି ଗ୍ରାମରେ ଚଢ଼ଉ କରି ଦୁଇ ଜେସିବି ଓ ଦୁଇଟି ହାଇୱା ଜବତ କରି ଥାନାକୁ ଆଣିଛି। ଚଢ଼ଉବେଳେ ଚାଳକମାନେ ଫେରାର ହୋଇଯାଇଛନ୍ତି।

# ପଞ୍ଚାୟତର ସୈରାତ ନିଲାମକୁ ସ୍ଥଗିତ ରଖିଲେ ମହିଳା



ମୋରଡ଼ା, ୫।୭(ସମିସ): ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ପଞ୍ଚାୟତର ତିନି ନମ୍ବର ୱାର୍ଡର ପ୍ରାୟ ଶହେରୁ ଊର୍ଦ୍ଧ୍ୱ ମହିଳା ବିଡିଓଙ୍କ ପାଖରେ ପୋଖରୀ ସମ୍ପର୍କରେ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଜୁଲାଇ ୩ରେ ଚିତ୍ରଡ଼ା ପଞ୍ଚାୟତ ଅଧୀନରେ ଥିବା ଡକେଇ ପୋଖରୀ, ପଦ୍ମ ପୋଖରୀ, ଦଲକୀ ପୋଖରୀ, ବୁଧୁନି ପୋଖରୀ ଏବଂ ଦରଖୁଲି ପୋଖରୀ ନିଲାମ ହେବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତେବେ ଏହି ପାଞ୍ଚଟି ପୋଖରୀ ମଧ୍ୟରୁ ଦରଖୁଲି ପୋଖରୀ ପାଣି ଅତ୍ୟନ୍ତ ଦୂଷିତ ହୋଇଥିବା ବେଳେ ଦୀର୍ଘବର୍ଷ ହେବ ଏହାର ପଙ୍କ ଉଦ୍ଧାର କାର୍ଯ୍ୟ କରାଯାଇ ନାହିଁ କିମ୍ବା ପୋଖରୀ ଚତୁର୍ପାର୍ଶ୍ୱରେ ୱାଲ ନାହିଁ। ବର୍ଷାଦିନେ ପୋଖରୀର ହିଡ଼ ଭାଙ୍ଗି ପଡୁଥିବାର ଦେଖିବାକୁ ମିଳୁଛି ଯାହାଫଳରେ ପୋଖରୀଟି ପୋତି ହେବାକୁ ବସିଲାଣି। ତେବେ ମାଛଧରା ପାଇଁ ନିଲାମରେ ଯେଉଁ ବ୍ୟକ୍ତିକୁ ଦିଆଯାଇଥିଲା ସେ ଅଧିକ ଲାଭ ଆଶାରେ ମାଛ ବଢ଼ିବା ପାଇଁ ବିଭିନ୍ନ ପ୍ରକାରର ରାସାୟନିକ ଜିନିଷ ପୋଖରୀ ପାଣିରେ ପକାଇଥିଲେ ଯାହାଫଳରେ ପାଣିର କଥା ନ କହିବା ଭଲ। ଏହି ପୋଖରୀ ଉପରେ ବିଭିନ୍ନ ଚାଷ ଜମିରେ ଚାଷ କରୁଥିବା ଚାଷୀ ନିର୍ଭର କରୁଥିବା ବେଳେ ମହିଳାମାନେ ଗାଧୋଇବା ପାଇଁ ଦୈନନ୍ଦିନ ବ୍ୟବହାର କରିଥାନ୍ତି। ତେବେ ପୋଖରୀ ପାଣିକୁ ଦୃଷ୍ଟିରେ ରଖି ୱାର୍ଡମେମ୍ବର ଚୁମକି ଦେହୁରୀ ସମେତ ଶତାଧିକ ମହିଳା ନିଲାମ ପ୍ରକ୍ରିୟାକୁ ବନ୍ଦ କରାଇ ପୋଖରୀ ପଙ୍କ ଉଦ୍ଧାର ସହିତ ୱାଲ ତିଆରି ପାଇଁ ଏକ ଦାବିପତ୍ର ସରପଞ୍ଚଙ୍କ ଜରିଆରେ ପ୍ରଦାନ କରିଛନ୍ତି। ଏହି ସବୁ କାର୍ଯ୍ୟକୁ ଦୃଷ୍ଟିରେ ରଖି ବ୍ଲକ ପ୍ରଶାସନ ଉକ୍ତ ନିଲାମ ପ୍ରକ୍ରିୟାକୁ ୧୮ ତାରିଖ ପର୍ଯ୍ୟନ୍ତ ବଳବତ୍ତର କରିଛନ୍ତି।

# ନୂତନ ଅପରାଧିକ ଆଇନ ସମ୍ପର୍କରେ ସଚେତନତା




ରାଇରଙ୍ଗପୁର, ୫।୭(ସମିସ): ମହିଳା ମହାବିଦ୍ୟାଳୟରେ ନୂଆ ଆପରାଧିକ ଆଇନ ବିଷୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ରାଇରଙ୍ଗପୁର ଟାଉନ ଥାନା ଅଧିକାରୀ ଯୋଗଦେଇ ଉପସ୍ଥିତ ଛାତ୍ରୀଙ୍କୁ ନୂତନ ଆଇନଗୁଡିକ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ସାମ୍ବାଦିକ ସୌରଭ ପଟ୍ଟନାୟକ, ଶିକ୍ଷାବୀତ ଲଳିତ ମହାନ୍ତ, ରେଞ୍ଜର ଜ୍ୟୋତିରଞ୍ଜନ ସେନାପତି, ଆଇନଜୀବୀ ସସ୍ମିତା ଦତ୍ତ ନିଜ ବକ୍ତବ୍ୟରେ ନୂତନ ଆଇନ ସମ୍ପର୍କରେ ସୂଚନା ଦେଇଥିଲେ। ସଭାଶେଷରେ ଅଧାପିକା ସମାପ୍ତି ରାଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷଣୀୟ କାର୍ଯ୍ୟକ୍ରମରେ ଅଧାପିକା ତିଳୋତ୍ତମା ଷଡଙ୍ଗୀ, ଯଶୋଧରା ମହାନ୍ତ, ଶୁଭଦର୍ଶିନି ମିଶ୍ର, ତୃପ୍ତିଲତା ମହାନ୍ତ, ବବଲୁ କୁମ୍ଭକାର, ରୁଦ୍ରନାଥ ଧୀର, ପ୍ରିୟତମା ହେମ୍ବ୍ରମ, ରାଜଶ୍ରୀ ନାୟକ, ପୁଷ୍ପଲତା ମୁର୍ମୁ, ଅନୀତା ସମଦ, କୁନି, ସୁଲକ୍ଷଣା, ମାୟା, ଶ୍ୟାମ, ଅମିତ, ତରୁଣ, ଦୀପିକା, ଦମୟନ୍ତି ସୋରେନ, ରାଧିକା ଟୁଡୁ, ସୁମନ ନାୟକ, ପ୍ରିୟଙ୍କା ମୁଣ୍ଡା, ସାଲେହା ସୋରେନ, ଆରସୁ ମୁର୍ମୁ, ସାରଣୀ ମାର୍ଣ୍ଡି, କାପୁରା ସୋରେନ, ମାଇଦୀ ମାର୍ଣ୍ଡି, ଫୁଲେଶ୍ୱରୀ ପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଧର୍ମପ୍ରାଣା ମହିଳାଙ୍କ ବିୟୋଗ

ବେତନଟୀ, ୫।୭(ସମିସ): ବେତନଟୀର ଧର୍ମପ୍ରାଣା ମହିଳା ଅଭିମନ୍ୟୁ ସାହୁଙ୍କ ଧର୍ମପତ୍ନୀ ଉର୍ମିଳା ସାହୁ(୮୦)ଙ୍କ ବୁଧବାର ଅପରାହ୍ନ ତାଙ୍କ ବାସବଭନରେ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପ୍ରାଣା, ସ୍ନେହୀ, ପରୋପକାରୀ ତଥା ଅତ୍ୟନ୍ତ ମେଳାପୀ ସ୍ୱଭାବର ମଣିଷ ଭାବେ ସମସ୍ତଙ୍କର ଅତିପ୍ରିୟ ଥିଲେ। ତାଙ୍କ ବିୟୋଗରେ ବେତନଟୀ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ମୃତ୍ୟୁ ଖବରପାଇ ବରିଷ୍ଠ ଆଇନଜୀବୀ ହିମାଂଶୁ କୁମାର ପରିଡ଼ାଙ୍କ ସମେତ ବେତନଟୀର ଆମ୍ଭେ-୮୩, ରୋଟାରୀକ୍ଲବ, ମାନବାଧିକାର ମିଶନ ସମେତ ବହୁ ସାମାଜିକ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ଓ ବ୍ୟକ୍ତିବିଶେଷ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହିତ ଶୋକବ୍ୟକ୍ତ କରିଛନ୍ତି। ବୁଧବାର ଅପରାହ୍ନରେ ହଠାତ୍ ଅସୁସ୍ଥ ଅନୁଭବ କରିବା ସହିତ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ସମସ୍ୟା ଦେଖାଦେଇଥିଲା। ୫ଟା୧୦ମିନିଟ ସମୟରେ ଶେଷନିଃଶ୍ୱାସ ତ୍ୟାଗ କରିଥିବା ବେଳେ ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ, ଦୁଇପୁଅ, ପୁତ୍ରବୋଧୂ, ନାତୀନାତୁଣୀ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

# ଜାମଦାରେ କ୍ଷେତ୍ର ଦିବସ ପାଳିତ




ଜାମଦା, ୫।୭(ସମିସ): ଜାମଦା ବ୍ଲକ ଅନ୍ତର୍ଗତ ଜାମଦା ମଠପଡ଼ିଆରେ ରାଇସ ଫ୍ୟାଲ୍ ମ୍ୟାନେଜମେଣ୍ଟ ପକ୍ଷରୁ କ୍ଷେତ୍ର ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଏନଜିଓ ଏବଂ ଗ୍ରାମ ଉନ୍ନତି ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଜାମଦା ସରପଞ୍ଚ ମାଳତୀ କିସ୍କୁ ଏବଂ ଜାମଦା ଗୋଷ୍ଠୀ କୃଷି ଅଧିକାରୀ ଶୁଭ ଲକ୍ଷ୍ମୀ ଦାସ ଯୋଗ ଦେଇଥିଲେ। ତେବେ କ୍ଷେତ୍ର ଦିବସ ଅବସରରେ ଧାନ ପରବର୍ତ୍ତୀ ପଡ଼ିଆ ଜମିର ବିସ୍ତୃତ ପରିଚାଳନା କିପରି କରାଯିବ ଏ ବିଷୟରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ କୃଷକ ସାଥୀ ଚନ୍ଦନ ପ୍ରଧାନ, ବେଜେନ୍ଦ୍ର ପରମାଣିକ, ଭିଏଲ୍‌ଡବ୍ଲ୍ୟୁ ମାଧବ ଚନ୍ଦ୍ର ଓଝା ଓ ବିଶ୍ୱଜିତ୍ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ବିଧାୟକଙ୍କୁ ଉଦଳା ମୋଟର କର୍ମଚାରୀ ସଂଘର ସମ୍ବର୍ଦ୍ଧନା



ଉଦଳା, ୫।୭(ସମିସ): ଉଦଳା ମୋଟର କର୍ମଚାରୀ ସଂଘ ପକ୍ଷରୁ ବସଷ୍ଟାଣ୍ଡ ସ୍ଥିତ ସଂଘ କାର୍ଯ୍ୟାଳୟ ପରିସରରେ ନବନିର୍ବାଚିତ ବିଧାୟକ ଭାସ୍କର ମଢ଼େଇଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ବସ୍ ମାଲିକ ସଂଘର ବରିଷ୍ଠ ସଦସ୍ୟ ସରୋଜ ସାମଲଙ୍କ ପରିଚାଳନାରେ ବିଧାୟକ ଶ୍ରୀ ମଢ଼େଇଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମା' ଜଗଧାତ୍ରୀଙ୍କ ଫଟୋଚିତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଆୟୋଜିତ ସଭାରେ ବିଧାୟକ ମୋଟର କର୍ମଚାରୀଙ୍କ ଥିବା ଦାବି ପୂରଣ ଦିଗରେ ବିଧାନସଭାରେ ଦୃଷ୍ଟି ଆକର୍ଷଣ କରିବା ସହିତ ସଂଘର ଯାତ୍ରୀସେବା ଭିତ୍ତିକ କାର୍ଯ୍ୟକୁ ପ୍ରଶଂଶା କରିଥିଲେ। ମଞ୍ଚରେ ବସ୍ ମାଲିକ ସଂଘର ସମ୍ପାଦକ ହରପ୍ରସାଦ ଦାସ ଉପସ୍ଥିତ ରହି ବରିଷ୍ଠ ସଦସ୍ୟ ସଦସ୍ୟ ସରୋଜ ସାମଲ ନଗରପାଳ ପ୍ରମିଳା ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ହିମାଦ୍ରୀ ଶେଖର ପାଲ ଓ ସନ୍ତୋଷ ବାଛିନୀ ମଟର କର୍ମଚାରୀଙ୍କ ସାମାଜିକ ଓ ଆର୍ଥିକ ସୁରକ୍ଷା ଦିଗରେ ପଦକ୍ଷେପ ନେବାକୁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉଦଳା ମୋଟର କର୍ମଚାରୀ ସଂଘର ସଭାପତି ଗୌରୀଶଙ୍କର ବେହେରା, ଉପସଭାପତି ଅଜୟ ପାତ୍ର, ସାଧାରଣ ସମ୍ପାଦକ ହରିଶ୍ଚନ୍ଦ୍ର ଦାସ, ସହ ସମ୍ପାଦକ ଅଭିରାମ ବିଶ୍ୱାଳ, ଅମୂଲ୍ୟ ନାୟକ, କୋଷାଧକ୍ଷ ସୋମନାଥ ବେହେରା ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁ ମନ୍ଦିରରେ ବନ ମହୋତ୍ସବ



ରାଇରଙ୍ଗପୁର/ଉପରବେଡ଼ା, ୫।୭(ସମିସ): ଉପରବେଡ଼ା ସରସ୍ୱତୀ ଶିଶୁ ମନ୍ଦିରରେ ୭୫ତମ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ଶିବପ୍ରସାଦ ରଥ ଯୋଗାଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ରାଇରଙ୍ଗପୁର ସହକାରୀ ବନ ସଂରକ୍ଷକ ପ୍ରଭାକର ମଲ୍ଲିକ, ସମ୍ମାନିତ ଅତିଥି ବାଦାମପାହାଡ଼ ବନାଞ୍ଚଳ ଅଧିକାରୀ ରମାକାନ୍ତ ମାଝି, ହାଟବାଦଡ଼ା ବନପାଳ ରତିକାନ୍ତ ପଲେଇ, ଦୁବୁଲାବେଡା ବିଟ୍ ଭାରପ୍ରାପ୍ତ ବନପାଳ ପ୍ରଭାତ ରଞ୍ଜନ ମହାନ୍ତ, ହାଟବାଦଡା ବିଟ୍ ଭାରପ୍ରାପ୍ତ ବନପାଳ ଶୋଭାଲକ୍ଷ୍ମୀ ପାତ୍ର, ବାଦାମପାହାଡ଼ ବନାଞ୍ଚଳ ସଂଯୋଜକ ରାଜୀବ କୁମାର ପଲେଇ ଓ ସଂଯୋଜକ ଶକ୍ତିଦତ୍ତ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଉପସ୍ଥିତ ଅତିଥି ଗଣ ବନମହୋତ୍ସବ ଉପରେ ସୁଚିନ୍ତିତ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାରେ ଅଭିଭାବକ, ଶିଶୁ ଭାଇଭଉଣୀ, କମଳା ବିମଳା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସଭାକାର୍ଯ୍ୟ ଶେଷ ପରେ ସର୍ବପ୍ରଥମେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଜନ୍ମେଜୟ ବେହେରା ଗଛ ଲଗାଇ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ପରେ ଅନ୍ୟମାନେ ବୃକ୍ଷରୋପଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ରାଇରଙ୍ଗପୁର ବନାଞ୍ଚଳ ଅଧିକାରୀ ଶିବପ୍ରସାଦ ରଥ ପୁରସ୍କାର ବିତରଣ କରିଥିଲେ। ସଭାକାର୍ଯ୍ୟ ବିଦ୍ୟାଳୟର ଆଚାର୍ଯ୍ୟା ସୁଜାତା ମହାନ୍ତ ପରିଚାଳନା କରିଥିବା ବେଳେ ଦୁବୁଲାବେଡା ବିଟ୍‌ର ଭାରପ୍ରାପ୍ତ ବନପାଳ ପ୍ରଭାତ ରଞ୍ଜନ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ଖୁଣ୍ଟା ଡିଗ୍ରୀ କଲେଜ ପକ୍ଷରୁ ବନ ମହୋତ୍ସବ

ଖୁଣ୍ଟା, ୫।୭(ସମିସ): ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ୭୫ ତମ ବନ ମହୋତ୍ସବ ସପ୍ତାହ ଅବସରରେ 'ଏକ ପେଡ୍ ମା' କେ ନାମ' ଜରିଆରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ରେଡକ୍ରସ, ସଭାପତି ଡ.ଅଶ୍ୱିନୀ ସାହୁ ଓ ଖୁଣ୍ଟା ଫରେଷ୍ଟର ଅର୍ପୀତା ଦେବାଙ୍ଗନା ପ୍ରମୁଖ ଯୋଗ ଦେଇଥିଲେ। ଅତିଥିଗଣ ଛାତ୍ରଛାତ୍ରୀଙ୍କୁ ପରିବେଶର ସୁରକ୍ଷା ପାଇଁ ଗଛ ଓ ଜଙ୍ଗଲର ଭୂମିକା ସମ୍ପର୍କରେ ସୂଚାଇ ଥିଲେ। କଲେଜ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଜଙ୍ଗଲ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ମିଳିତ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧକ୍ଷ ସରୋଜ ରଞ୍ଜନ ତ୍ରୀପାଠିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥି ରୂପେ ସହକାରୀ ବନ ସଂରକ୍ଷକ ଅରୁଣ କୁମାର ବିଶ୍ୱାଳ, ଉଦଳା ରେଞ୍ଜ ଅଧିକାରୀ ଜଗଦିଶ ଦାସ, ମହାବିଦ୍ୟାଳୟର ଅତିଥିମାନଙ୍କ ସମେତ ଛାତ୍ରଛାତ୍ରୀ ଓ ଅଧ୍ୟାପକଙ୍କ ଦ୍ୱାରା ୨ଶହରୁ ଊର୍ଦ୍ଧ୍ୱ ବିଭିନ୍ନ ଚାରାରୋପଣ କରାଯାଇଥିଲା। ବୃକ୍ଷକୁ ଭଲ ପାଇବା ଓ ଏହାର ସୁରକ୍ଷା ପ୍ରତି ଯତ୍ନବାନ ରହିବା ସଙ୍ଗେସଙ୍ଗେ ପ୍ରତ୍ୟେକ ଛାତ୍ର ଅନୁନ୍ୟ ୫ଟି ଗଛ ଲଗାଇବା ପାଇଁ ମହାବିଦ୍ୟାଳୟର ସଭାପତି ଡ଼. ସାହୁଙ୍କୁ ପରାମର୍ଶ ଦେଇଥିଲେ।

# ଘରମାବେଡ଼ାରେ ବନ ମହୋତ୍ସବ ସପ୍ତାହ



ଶୁକ୍ଳି, ୫।୭(ସମିସ): ସାରା ରାଜ୍ୟରେ ପାଳନ ହେଉଛି ବନ ମହୋତ୍ସବ ସପ୍ତାହ। ସମସ୍ତଙ୍କ ଗୋଟିଏ ଲକ୍ଷ୍ୟ ପରିବେଶ ପାଇଁ ଗଛ ଲଗାଇବା। ୭୫ ତମ ବନ ମହୋତ୍ସବ ଜରିଆରେ ଲୋକଙ୍କୁ ସଚେତନ କରୁଛି ବନବିଭାଗ। ବଣ, ଜଙ୍ଗଲ କ୍ଷୟ ହେବା ଦ୍ୱାରା ପରିବେଶ ସନ୍ତୁଳନ ବିପର୍ଯ୍ୟୟ ହୋଇଛି। ବର୍ଷାର ଅନିୟମିତତା ହୋଇଛି। ଗଛ ଲଗାଇ ପରିବେଶ ସନ୍ତୁଳନ କରିବା ଲକ୍ଷ୍ୟ ରଖିଛି ବନବିଭାଗ। କରଞ୍ଜିଆ ବନାଞ୍ଚଳରେ ଚଳିତ ବର୍ଷ ୪୦ ହଜାର ଚାରା ରୋପଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ତେବେ କରଞ୍ଜିଆ ବନଖଣ୍ଡର ସିଙ୍ଗଡ଼ା ସେକ୍ସନର ଘରମାବେଡ଼ାରେ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶୁକ୍ଳିର ତହସିଲଦାର ସତ୍ୟବାନ ନାୟକ, ବିଡିଓ ବ୍ରହ୍ମାନନ୍ଦ ବେହେରା, ବନାଞ୍ଚଳ ଅଧିକାରୀ ପ୍ରସାନ୍ତ ସ୍ୱାଇଁ, ବନପାଳ ଏସିଏଫ୍ କରଞ୍ଜିଆ, ବୀଭିନ୍ୟ ପଞ୍ଚାୟତର ସରପଞ୍ଚ ଦିପ୍ତିମୟୀ ବେହେରା, ବନବିଭାଗର କର୍ମଚାରୀ ଏବଂ ସ୍ଥାନୀୟ ପୁରୁଷ ଓ ମହିଳା ଯୋଗ ଦେଇ ବୃକ୍ଷରୋପଣ କରିଥିଲେ। ସମସ୍ତଙ୍କୁ ଗଛ ଲଗାଇବା ପାଇଁ ଲଗାଇବା ସହିତ ଉତ୍ସାହିତ କରିବା ପାଇଁ ମତ ଦେଇଥିଲେ।

# ଓଲଟିଲା ଲୁହାପଥର ବୋଝେଇ ଟ୍ରକ୍



ରାଇରଙ୍ଗପୁର/ତିରିଂ, ୫।୭(ସମିସ): ଗୁରୁବାର ରାତ୍ରିରେ ଦ୍ରୁତଗତିରେ ଯାଉଥିବା ଏକ ଲୁହାପଥର ବୋଝେଇ ଟ୍ରକ ଭାରସାମ୍ୟ ହରାଇ ତିରିଂ ଥାନା ଅଞ୍ଚଳ ମାଙ୍କଡିଘାଟି ନିକଟରେ ରାସ୍ତା ତଳକୁ ଓଲଟି ପଡ଼ି ଯାଇଥିଲା। ଏହି ଦୁର୍ଘଟଣାରେ ଟ୍ରକ ଚାଳକ ଓ ସହାୟକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ପରେ ତିରିଂ ପୁଲିସର ସହାୟତାରେ ଟ୍ରକକୁ ଉଦ୍ଧାର କରାଯାଇଛି।

# ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ



ଖୁଣ୍ଟା/କୁଆମରା, ୫।୭(ସମିସ): ମୟୂରଭଞ୍ଜ ଜିଲ୍ଲା ପୁଲିସ ପକ୍ଷରୁ ବରିଷ୍ଠ ନାଗରିକ ସୁରକ୍ଷା ସେଲ ଆନୁକୂଲ୍ୟରେ ଖୁଣ୍ଟା ଥାନା ଅଧୀନରେ ଥିବା ବରିଷ୍ଟ ନାଗରିକଙ୍କୁ ପରିଚୟପତ୍ର ପ୍ରଦନା କରାଯାଇଛି। ଥାନା ପରିସରେ ଆଇଆଇସି ସୁଜାତା ଖମାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କପ୍ତିପଦା ଉପଖଣ୍ଡ ପୁଲିସ ଅଧିକାରୀ ସାର୍ଥକ ରାୟ ଯୋଗ ଦେଇ ଖୁଣ୍ଟାସ୍ଥିତ ସାରସ୍ୱତ ଆଞ୍ଚଳିକ ବରିଷ୍ଠ ନାଗରିକ ସଂଘର ସଦସ୍ୟନଙ୍କୁ ପରିଚୟପତ୍ର ପ୍ରଦାନ କରିଥିଲେ। ଉପଖଣ୍ଡ ପୁଲିସ ଅଧିକାରୀ ଶ୍ରୀରାୟ ଏହି ପରିଚୟପତ୍ର ପ୍ରଦାନର ଉଦ୍ଦେଶ୍ୟ ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ସେହିପରି ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ସୁରକ୍ଷା ଯୋଗାଇ ଦେବାରେ ପୁଲିସ ଦୃଢ଼ ନିଶ୍ଚିତ ଏବଂ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାଇ ରଖିବା ପାଇଁ ପୋଲିସକୁ ଜନସାଧାରଣଙ୍କର ମଧ୍ୟ ସହଯୋଗର ଆବଶ୍ୟକତା ରହିଛି। ଏଥିପ୍ରତି ସେମାନେ ଯତ୍ନବାନ ରହିବା ପାଇଁ ନିବେଦନ କରିଥିଲେ। ୨୧ ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରାଯିବା ସହ ସେମାନଙ୍କ ମଙ୍ଗଳ କାମନା କରିଥିଲେ।

# ୧୫ ମାସ ଗଲାନି ୧୫ ଲକ୍ଷର ଆଦର୍ଶ ଅଙ୍ଗନବାଡ଼ି କେନ୍ଦ୍ର

- ଛାତରୁ ଖସିଲା ପ୍ଲାଷ୍ଟର
- ମରାମତି ବଦଳରେ ରଙ୍ଗମାରି ଲୁଚାଇବାକୁ ଉଦ୍ୟମ



ବେତନଟୀ, ୫।୭(ସମିସ): ୧୫ମାସ ବି ଗଲାନି ୧୫ଲକ୍ଷ ଟଙ୍କାର ଆଦର୍ଶ ଅଙ୍ଗନବାଡ଼ି କେନ୍ଦ୍ର। ଛାତରୁ ପ୍ଲାଷ୍ଟର ଖସିବା ସହିତ ଏବେ ବର୍ଷା ଦିନରେ ଛାତରୁ ପାଣି ଗଳିବାର ଆଶଙ୍କା ସୃଷ୍ଟି ହୋଇଛି। ଏଭଳି ଘଟଣା ବେତନଟୀ ସରକାରୀ ବାଳିକା ହାଇସ୍କୁଲ ପରିସରରେ ନବନିର୍ମିତ ଆଦର୍ଶ ଅଙ୍ଗନବାଡ଼ି କେନ୍ଦ୍ରରେ ଦେଖିବାକୁ ମିଳିଛି। ସରକାରଙ୍କ ଓମ୍ବାଡସି ପକ୍ଷରୁ ୧୫ଲକ୍ଷ ଟଙ୍କାର ଅନୁଦାନରେ ୨୦୨୧-୨୨ ମସିହା ଆର୍ଥିକ ବର୍ଷରେ ଏହି ଆଦର୍ଶ ଅଙ୍ଗନବାଡ଼ି କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। କେନ୍ଦ୍ରର ଘରତିଆରି ସାଙ୍ଗକୁ ଆନୁସଙ୍ଗିକ ନିର୍ମାଣକାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଏହାର ରଙ୍ଗ ଏବଂ କାନ୍ଥ ଓ ପାଚେରୀରେ ପିଲାଙ୍କୁ ଆକୃଷ୍ଟ କଲାଭଳି କଉତୁକିଆ ତଥା ଶିକ୍ଷଣୀୟ ଚିତ୍ରାଙ୍କନ କାମ ସରିଛି। ତେବେ ନିର୍ମାଣକାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ଏବଂ ଅତ୍ୟନ୍ତ ନିମ୍ନମାନର କାମକରି ରଙ୍ଗବେରଙ୍ଗର ଚିତ୍ରାଙ୍କନକରି ବାହାରକୁ ଚକାଚକ୍ ଦେଖାଇବାର ପ୍ରୟାସ କରାଯାଇଛି। ତେବେ ୧୫ଲକ୍ଷ ଟଙ୍କାରେ ନିର୍ମିତ ଏହି କେନ୍ଦ୍ରର ଘର ତିଆରିକୁ ୧୫ମାସ ବି ଯାଇନି ଛାତରୁ ପ୍ଲାଷ୍ଟର ଖସିବା ଆରମ୍ଭ ହୋଇଯାଇଛି। ତେବେ ଛାତରୁ ପ୍ଲାଷ୍ଟର ଖସିବା ସମୟରେ ଅଙ୍ଗନବାଡ଼ି କେନ୍ଦ୍ରରେ କୌଣସି ପିଲା ନ ଥିଲେ। କାନ୍ଥ ଓ ପାଚେରୀରେ ଚିତ୍ର କରିବାକୁ ଆସିଥିବା ସମ୍ବଲପୁର ଜିଲ୍ଲାର ଚିତ୍ରକରମାନେ ସେଠାରେ ଥିବାବେଳେ ଛାତରୁ ପ୍ଲାଷ୍ଟର ଖସିଥିଲା। ତେବେ କୁନିକୁନି ପିଲା ବସିଥିବା ସମୟରେ ଯଦି ଛାତରୁ ପ୍ଲାଷ୍ଟର ଖସିଥିଲେ ଆହତ ହେବାର ଆଶଙ୍କା ମଧ୍ୟ ରହିଛି। ନିମ୍ନମାନର କାମ ପାଇଁ ଏବେ କୁନିକୁନି ପିଲାମାନଙ୍କ ସୁରକ୍ଷାପ୍ରତି ପ୍ରଶ୍ନବାଚୀ ସୃଷ୍ଟିକରିଛି। ତେବେ ପ୍ରାକ-ସ୍କୁଲଶିକ୍ଷା ଏବଂ କୁପୋଷଣର ମୁକାବିଲା ନିମନ୍ତେ ରାଜ୍ୟବ୍ୟାପୀ ଅଙ୍ଗନବାଡ଼ି କେନ୍ଦ୍ର କାର୍ଯ୍ୟକାରୀ ହେଉଥିବା ବେଳେ ଏଥିପ୍ରତି ସମସ୍ତଙ୍କୁ ଆକୃଷ୍ଟ କିରବାକୁ ବିଭିନ୍ନ ସ୍ଥାନରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଆଦର୍ଶ ଅଙ୍ଗନୱାଡି କେନ୍ଦ୍ର ଖୋଲାଯାଇଛି। ଯେଉଁଠାରେ ପିଲାମାନଙ୍କ ଶାରୀରିକ ଏବଂ ବୌଦ୍ଧିକ ବିକାଶ ହୋଇପାରିବ। ଅଙ୍ଗନବାଡ଼ି କେନ୍ଦ୍ର ଗୁଡିକର ଭିତ୍ତିଭୂମିର ବିକାଶ ନିମନ୍ତେ ସରକାର ଟଙ୍କା ଖର୍ଚ୍ଚକରି ଆଦର୍ଶ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ କରୁଥିବା ବେଳେ ଠିକାଦାର କିନ୍ତୁ କୁନିକୁନି ପିଲାମାନଙ୍କ ସୁରକ୍ଷା କଥାକୁ ଦୃଷ୍ଟି ନ ଦେଇ ନିମ୍ନମାନର କାମକରୁଛନ୍ତି। ଏନେଇ ବେତନଟୀବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ଇଂ. ସୌମ୍ୟଶ୍ରୀ ଭୋଇଙ୍କୁ ଯୋଗାଯୋଗ କରିବାରୁ ସେ ଏହାର ତଦାରଖ କରିବେ ବୋଲି ସୂଚନା ଦେଇଛନ୍ତି।

